## ଜିଲ୍ଲାସ୍ତରୀୟ ଧାନ କିଣା ସମୀକ୍ଷା ବୈଠକ

# ୧ ଲକ୍ଷ ୭,୮୫୪ ଜଣ ଚାଷୀଙ୍କଠାରୁ କିଣା ସରିଲାଣି ଧାନ

ଛତ୍ରପୁର,୭ ।୨(ସମିସ)




ଗଞ୍ଜାମ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଏହାକୁ ସୁରୁଖୁରରେ ସମ୍ପାଦନ ପାଇଁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏଯାବତ୍ ୧୫ ପ୍ରତିଶତ ଧାନ ଅଧିକ କିଣାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜିଲ୍ଲାରେ ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଗୁଡିକୁ ସୁରୁଖୁରରେ କ୍ରୟ ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାରେ ମୋଟ ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ଧାନ କିଣିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୭ ହଜାର ୮୫୪ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଛି। ଚଳିତବର୍ଷ ଜିଲ୍ଲାକୁ ୩ଟି ପର୍ଯ୍ୟାୟରେ ୫୧ ଲକ୍ଷ ୫୬ ହଜାର ୩୦୦ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୮ ଲକ୍ଷ ୯୭ ହଜାର ୮୭୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଯାହାକି ୭୯ ପ୍ରତିଶତ। ସେହିଭଳି ବର୍ତ୍ତମାନ ସୁଦ୍ଧା ୯୪ ହଜାର ୯୯୮ ଜଣ ଚାଷୀ ଟଙ୍କା ପାଇ ସାରିଛନ୍ତି। ୧ ଲକ୍ଷ ୬୪ ହଜାର ୮୩୭ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଥିବା ବେଳେ ୧ ଲକ୍ଷ ୧୪ ହଜାର ୨୦୦ଟି ଟୋକନରୁ ଧାନ କ୍ରୟ କରାଯାଇଛି। ଜିଲ୍ଲାରେ ୧୨୫ ଜଣଙ୍କ ଟୋକନର ଅବଧି ଶେଷ ହୋଇଯାଇଥିବା ବେଳେ ୮୯ଟି ଟୋକନର ସମୟସୀମା ବୃଦ୍ଧି କରାଯାଇଛି। ବଳକା ଟୋକନ ଅବଧି ପର୍ଯ୍ୟାୟ କ୍ରମେ ବୃଦ୍ଧି କରାଯିବ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଏଆରସିଏସ ଯୋଗମାୟା ସାବତ ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକର ବିଡିଓ, ତହସିଲଦାର, ଏମଆଇ, ବିପିସି, ଅତିରିକ୍ତ ଯୋଗାଣ ଅଧିକାରୀ, ଏଆରସିଏସ, ସିଆରସିଏସ, କର୍ପୋରେଟିଭ ସୋସାଇଟିର ସଦସ୍ୟ ମାନେ ଆଭାସୀ ଯୋଗେ ଉପସ୍ଥିତ ଥିଲେ।

## ସମିତିସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

ପୁରୁଷୋତ୍ତମପୁର,୭ ।୨(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ବାଘଲା ପଞ୍ଚାୟତ କୁଶପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ରାଜନୈତିକ ହିଂସା ଦେଖାଯାଇଛି। ସଙ୍ଘବଦ୍ଧ ଭାବେ ବାଘଲା ସମିତିସଭ୍ୟଙ୍କ ଘରେ ପଶି ତାଙ୍କୁ ଘୋଷାଡି ଆଣି ଗାଁଦାଣ୍ଡରେ ନିର୍ମମ ଭାବେ ଖଣ୍ଡାରେ ହଣା ଯାଇଥିବାବେଳେ ଅନ୍ୟ ତିନିଜଣଙ୍କୁ ମଧ୍ୟ ଖଣ୍ଡା, କାତି, ପଞ୍ଝାରେ ଆକ୍ରମଣ କରି ରକ୍ତାକ୍ତ କରିଛନ୍ତି ଦୁର୍ବୃତ୍ତ। ଆହତମାନେ ହେଲେ ସମିତିସଭ୍ୟ ପ୍ରକାଶ ନାହାକ, ରୋହିତ ନାହାକ, ପ୍ରମୋଦ ନାହାକ ଓ କୃଷ୍ଣ ନାହାକ। ସମସ୍ତ ଆହତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ପୁରୁଷୋତ୍ତମପୁର ଥାନା ଆଇଆଇସି ରାଜେଶ କୁମାର ନାୟକ ଘଟଣାସ୍ଥଳକୁ ଯାଇ ପୁଲିସ ସୁରକ୍ଷାରେ ଆହତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିବାବେଳେ ପାଞ୍ଚଜଣଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଘଟଣାରେ ଯେଉଁ ବ୍ୟକ୍ତି ସଂପୃକ୍ତ ରହିଥିବେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି। ପ୍ରକାଶ ନାୟକଙ୍କ ଭାଇ ଶେଷଦେବ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କୁଶପୁର ଗାଁରେ ମୁକେଶ ବସ୍ତିଆଙ୍କର ବିବାହ ଭୋଜିର ଶୋଭାଯାତ୍ରା ଚାଲିଥିଲା। ଏହାର ସୁଯୋଗ ନେଇ ବିରୋଧି ଗୋଷ୍ଠୀ ପକ୍ଷରୁ ପୂର୍ବ ରାଜନୈତିକ ଶତ୍ରୁତାରୁ ଆକ୍ରମଣ ଲାଗି ଯୋଜନାବଦ୍ଧ ଭାବରେ ୧୭ରୁ ୧୮ ଯୁବକ ଖଣ୍ଡା, ଭୁଜାଲି, ଲୁହାରଡ ଧରି ଅପରପକ୍ଷର ରୋହିତ ନାହାକଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଜୀବନ ରକ୍ଷା କରିବା ଲାଗି ଦୌଡି ଆସି ତାଙ୍କର ସମ୍ପର୍କୀୟଙ୍କୁ ଜଣାଇଥିଲେ। ସମ୍ପର୍କୀୟମାନେ ଯିବାରୁ ତାଙ୍କୁ ମଧ୍ୟ ଖଣ୍ଡାରେ ହାଣିବା ସହ ସମିତିସଭ୍ୟ ପ୍ରକାଶ ନାହାକଙ୍କ ଘରେ ପଶି ଘୋଷାଡି ଆଣି ଗାଁ ଦାଣ୍ଡରେ ପକାଇ ଖଣ୍ଡାରେ ହାଣିଛନ୍ତି। ପୁଲିସ ଏନେଇ ନଂ.୮୪/୨୬ରେ ମାମଲା ରୁଜୁ କରି ୫ ଜଣଙ୍କୁ ଆଣି ତଦନ୍ତ ଜାରି ରଖିଛି।

## ହତ୍ୟା ଉଦ୍ୟମ ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

ଦିଗପହଣ୍ଡି,୭ ।୨(ସମିସ): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମର ସୀମାଞ୍ଚଳ ମହାପାତ୍ର(୨୪)ଙ୍କୁ ଶନିବାର ଦିଗପହଣ୍ଡି ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ବୁଧବାର ସକାଳେ ଡ୍ରେନରେ ଆବର୍ଜନା ନିଷ୍କାସନକୁ କେନ୍ଦ୍ରକରି ସୀମାଞ୍ଚଳ ଗ୍ରାମର କପିଳ ପାଢ଼ୀଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର କପିଳଙ୍କୁ ପରିବାର ଲୋକେ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ ପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ମାମଲା ରୁଜୁକରି ତଦନ୍ତକାରୀ ଅଧିକାରୀ ଏଏସଆଇ ଦିଲ୍ଲୀପ ଗୋରଡ଼ା ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଅନ୍ତର୍ଜାତୀୟ ସମ୍ମିଳନୀରେ ୟୁରୋ ସ୍କୁଲ ମୁଖ୍ୟ



ଛତ୍ରପୁର,୭ ।୨(ସମିସ): ସ୍ନାତକୋତ୍ତର ବାଣିଜ୍ୟ ବିଭାଗ, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ଓ ଓଡ଼ିଶା ବାଣିଜ୍ୟ ସଂଗଠନର ମିଳିତ ସହଯୋଗରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। "ଆର୍ଥିକ ଅଭିନବତ୍ୱ ପରିଚାଳନା କ୍ଷେତ୍ରରେ ବିଶ୍ୱ ଅର୍ଥନୀତିରେ ଡିଜିଟାଲ ମାର୍କେଟିଂ, ଫିନ୍‌ଟେକ୍ ଓ ଔଦ୍ୟୋଗିକ ପ୍ରୟାସର ସମନ୍ୱୟ' ଶୀର୍ଷକ ସମ୍ମିଳନୀରେ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ପରିଚିତ ଓ ସମ୍ମାନିତ ଅନେକ ଶିକ୍ଷାବିତ, ଗବେଷକ, ଅର୍ଥନୀତି ବିଶାରଦ ତଥା ଛାତ୍ରଛାତ୍ରୀ ପ୍ରତ୍ୟକ୍ଷ ତଥା ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ସଫଳ ଉଦ୍ୟୋଗୀ , ଆଇନଜୀବୀ ତଥା ଛତ୍ରପୁର ୟୁରୋ ସ୍କୁଲର ଅଧ୍ୟକ୍ଷ ରଞ୍ଜନ ମହାପାତ୍ର ଯୋଗଦେଇ ଡିଜିଟାଲ ମାର୍କେଟ୍‌ରେ ଟେକ୍ନୋଲୋଜିକ ପ୍ରଭାବ କିପରି ରହିଛି। ବଜାରରେ ବିଜ୍ଞାପନର କିପରି ପ୍ରଭାବ ରହିଛି, ଫାଇନାନ୍ସ କମ୍ପାନି ଗୁଡିକ ଏବଂ ଉଦ୍ୟୋଗୀଙ୍କ ଉପରେ ଅର୍ଥନୈତିକ କେଉଁ ପ୍ରକାର ପ୍ରଭାବ ରହୁଛି ତାହାକୁ ନେଇ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ମଳୟ କୁମାର ମହାନ୍ତି ଯୋଗଦେଇ ବର୍ତ୍ତମାନ ସମୟର ବିଶ୍ୱ ବାଣିଜ୍ୟିକ କାରବାର, ଅର୍ଥନୀତି, ଡିଜିଟାଲ ସେବା ଓ ଗ୍ଲୋବାଲ୍ ବ୍ୟବସାୟୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର୍ କିଶୋର କୁମାର ଦାଶ, ଓଡିଶା ବାଣିଜ୍ୟ ସଙ୍ଘଠନର ସଂପାଦକ ଡ. ବିଶ୍ୱମୋହନ ଜେନା ଏବଂ ମୁଖ୍ୟବକ୍ତା ଭାବେ ପିନାକିଲ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ପିଙ୍କିରାଣୀ ଦେଇ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦାସ ସମ୍ମିଳନୀର ଉଦ୍ଦେଶ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ. ବିଶ୍ୱମୋହନ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜିକା ଡ. ସୁଚିସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଦାମ ଘରେ ଅଗ୍ନିକାଣ୍ଡ

ପାତ୍ରପୁର,୭ ।୨(ସମିସ): ପାତ୍ରପୁର ବ୍ଲକ ବାଘଲଟି ଜଳ ଭଣ୍ଡାର ନିକଟରେ ଚାଲିଥିବା ମେଗା ପ୍ରକଳ୍ପ କାମର ଗୋଦାମ ଘରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପାଇପ୍ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କେଉଁ କାରଣରୁ ନିଆଁ ଲାଗିଲା ଜଣାପଡ଼ିନାହିଁ। କୋଟି କୋଟି ଟଙ୍କା ବ୍ୟୟବରାଦରେ ଏହି ପ୍ରକଳ୍ପ କାମ ଦୀର୍ଘବର୍ଷ ଧରି ଚାଲିଛି। ଅନ୍ୟପକ୍ଷେ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ନେଇ ଚର୍ଚ୍ଚା ହେଉଥିଲା ବେଳେ ଘଟଣାର ତଦନ୍ତ ହେଲେ ସତ୍ୟତା ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଅଗ୍ନିକାଣ୍ଡ ଦ୍ୱାରା ପରିବେଶ ଧୂଆଁମୟ ହୋଇଯାଇଛି।

## କାର୍ ଧକ୍କାରେ ଅଜା ମୃତ, ନାତି ଗୁରୁତର

ବେଲଗୁଣ୍ଠା,୭।୨(ସମିସ): ବେଲଗୁଣ୍ଠା ଥାନା ଅଞ୍ଚଳରେ ଶନିବାର ରାତି ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅଜାଙ୍କ ମୃତ୍ୟୁ ହୋଇଥିବା ବେଳେ ନାତି ଗୁରୁତର ହୋଇଛନ୍ତି। ମୃତକ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗଡ଼ିଶାପଲି ଗ୍ରାମର ମହେଶ୍ୱର ବିଷୋୟୀ(୫୫)।

ପୁଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆଜି ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗଡ଼ିଶାପଲି ଗ୍ରାମର ମହେଶ୍ୱର ନିଜ ୫ ବର୍ଷର ନାତି ସହିତ ବେଲଗୁଣ୍ଠା ନୃସିଂହ ମନ୍ଦିରରୁ ଦର୍ଶନ ସାରି ରାତି ପ୍ରାୟ ୮ଟାରେ ସାଇକଲରେ ଗାଁକୁ ଫେରିବାବେଳେ ଅଡେଇଗାଁ ସ୍କୁଲ ନିକଟରେ ବିପରିତ ପଟୁ ଆସୁଥିବା ଏକ କାର୍ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ଅଜା-ନାତି ରାସ୍ତା କଡ଼ରେ ଛିଟିକି ପଡିବାରୁ ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ନ ଆସିବାରୁ ଏକ ଡାଲାଅଟୋରେ ଆଣି ବେଲଗୁଣ୍ଠା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିବା ବେଳେ ୫ ବର୍ଷ ନାତିର ମୁଣ୍ଡ ଫାଟି ଯାଇଥିବାରୁ ବେଲଗୁଣ୍ଠାରେ ଚିକିତ୍ସା କରାଯାଉଛି। ଖବର ପାଇ ବେଲଗୁଣ୍ଠା ଥାନା ଏସ୍‌ଆଇ ବିଶ୍ୱରଞ୍ଜନ ନାୟକ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛନ୍ତି। ରାତି ହୋଇଯାଇଥିବାରୁ ଆସନ୍ତାକାଲି ମୃତ ମହେଶ୍ୱରର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

## ଖୋଲିଲା ମା' ତାରାତାରିଣୀଙ୍କ ଦାନହୁଣ୍ଡି




ପୁରୁଷୋତ୍ତମପୁର,୭ ।୨(ସମିସ): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଦାନ ହୁଣ୍ଡି ଖୋଲାଯାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନ ଓ ସେବାୟତଙ୍କ ଉପସ୍ଥିତିରେ ମନ୍ଦିର ବେଢ଼ାରେ ରହିଥିବା ୪ଟି ଦାନହୁଣ୍ଡି ଖୋଲାଯାଇଛି। ହୁଣ୍ଡିରୁ ଟଙ୍କା, ସୁନା, ରୁପା ଓ ବିଦେଶୀ ଟଙ୍କା ମଧ୍ୟ ବାହାରିଛି। ହୁଣ୍ଡିରୁ କାନାଡ଼ାର ଡଲାର କିଛି ମିଳିଛି। ପ୍ରାୟ କୋଡିଏରୁ ଊର୍ଦ୍ଧ୍ୱ ତହସିଲ କର୍ମଚାରୀମାନେ ଗଣତିରେ ନିୟୋଜିତ ହୋଇଥିଲେ। ହୁଣ୍ଡିରୁ ୧୩ଲକ୍ଷ ୫୧ହଜାର ୭୯୬ଟଙ୍କା ବାହାରିଥିବା ବେଳେ ୧୦ଗ୍ରାମ ସୁନା ବିସ୍କୁଟ, ଏକ ସୁନା ହାର ଓ ରୁପା ମିଳିଛି। ଉକ୍ତ ଟଙ୍କା, ସୁନା ଓ ରୁପାକୁ ବ୍ୟାଙ୍କ ମନ୍ଦିର ଖାତାରେ ଜମା ରଖଯାଇଥିବା ତହସିଲଦାର କହିଛନ୍ତି।

### ହୁଣ୍ଡିରୁ ମିଳିଥିବା ଚିଠିକୁ ନେଇ ଚର୍ଚ୍ଚା

ମା' ତାରାତାରିଣୀଙ୍କ ଦାନହୁଣ୍ଡିରୁ ମିଳିଥିବା ଏକ ଛୋଟ ବାଳକର ଚିଠିକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଚିଠିରେ ବାଳକ ଜଣଙ୍କ ନିଜକୁ ସଦ୍‌ବୁଦ୍ଧି ଦିଅ ବୋଲି ଲେଖିବା ସହ ନିଜ ଭାଇ, ମା ଓ ବାପାଙ୍କୁ ଭଲରେ ରଖିବାକୁ ମା'ଙ୍କୁ ନିବେଦନ କରିଛନ୍ତି। ଏଥିସହ ତାଙ୍କ ଶତୃକୁ ତାଙ୍କ ନିକଟରୁ ହଟାଇବା ଲାଗି ଚିଠିରେ ଉଲ୍ଲେଖ କରି ଲେଖିଛନ୍ତି ମା' ତାରାତାରିଣୀଙ୍କ ଉଦ୍ଦେଶ୍ୟରେ। ଯାହାକୁ ପଢ଼ିବା ପରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ଏହି ଗଣତିରେ ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର, ପୂଜକ ବାପୁଜୀ ରଣାଙ୍କ ସମେତ ସମସ୍ତ ତହସିଲ କର୍ମଚାରୀ ଓ ସେବାୟତ ଉପସ୍ଥିତ ଥିଲେ।

## ସାନଖେମୁଣ୍ଡି ବିଧାୟକଙ୍କୁ ସମ୍ବର୍ଦ୍ଧନା



ଛତ୍ରପୁର,୭ ।୨(ସମିସ): ଛତ୍ରପୁର ଠାରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ସ୍ଥାନୀୟ ଅପର ବସଷ୍ଟାଣ୍ଡ ନିକଟ ଷ୍ଟେସନରୋଡ଼ ଛକଠାରେ ମହାକାଳ ସେବା ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଂସ୍ଥାର ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ବେହେରା (ଅମନ)ଙ୍କ ନେତୃତ୍ୱରେ ବହୁ ଯୁବକ ଏବଂ ବୁଦ୍ଧିଜୀବୀ ପୁଷ୍ପଗୁଚ୍ଛ ସହ ଫୁଲମାଳ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ମହାକାଳ ସେବା ସଂସ୍ଥାର ଉପଦେଷ୍ଟା ଆଇନଜୀବୀ ମନୋଜ କୁମାର ପାଢ଼ୀ, ପ୍ରମୋଦ କୁମାର ପାଣିଗ୍ରାହୀ, ସୁରଜ କୁମାର ଗୌଡ଼, ବଳିଆ ବେହେରା, ମୁନା ବେହେରା, ପ୍ରସନ୍ନ ପ୍ରଧାନ, ଆଶିଷ ଶତପଥି ଓ ଡି. ଲାଛନା ରାଓଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

## 'ବିକଶିତ ରାଷ୍ଟ୍ର ଗଠନରେ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




ପୋଲସରା,୭ ।୨(ସମିସ): ପୋଲସରା ବ୍ଲକ ମଧୁସୂଦନପୁର ସ୍ଥିତ କନକଦୁର୍ଗା ବିଦ୍ୟାପୀଠର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିକଶିତ ରାଷ୍ଟ୍ର ଗଠନରେ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୋଲସରା ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ମନୋଜ କୁମାର ପ୍ରଧାନ, ସିଆରସିସି ରଜତ କୁମାର ସାହୁ, ମଥୁରା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଜେନା, ଦୀପକ ପୋଲେଇ, ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରମୋଦ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା।

### ଦ୍ୱିତୀୟ ବିବାହର ପ୍ରତିବାଦ

## ସ୍ୱାମୀ ଘର ଆଗରେ ପ୍ରଥମ ସ୍ତ୍ରୀର ଧାରଣା, ଥାନାରେ ଏତଲା

ଆସିକା,୭।୨(ସମିସ): ମନୋମାଳିନ୍ୟ ଯୋଗୁ ୧୫ ବର୍ଷ ବିବାହ ସମ୍ପର୍କରେ ଭଙ୍ଗା ପଡିଛି। ସ୍ୱାମୀ କରିଛନ୍ତି ଦ୍ୱିତୀୟ ବିବାହ। ପ୍ରତିବାଦରେ ପ୍ରଥମ ସ୍ତ୍ରୀ ଅଧିକାର ପାଇଁ ନିଜ ଝିଅକୁ ନେଇ ସ୍ୱାମୀଙ୍କ ଘର ଆଗରେ ଧାରଣା ଦେଇଥିଲେ। ସ୍ୱାମୀ କୌଶଳ କ୍ରମେ ଘରୁ ଆସି ଥାନାରେ ପହଞ୍ଚିଥିଲେ। ସ୍ତ୍ରୀ ମଧ୍ୟ ତାଙ୍କ ପଛପଛେ ଥାନାରେ ଆସି ଅଭିଯୋଗ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି କୋଟିନାଡ଼ା ଥାନା ଅନ୍ତର୍ଗତ ପଣ୍ଡା କୋଲନୀରେ। କଲେଜ ଛକ ପଣ୍ଡା କୋଲନୀରେ ରହୁଥିବା ସନ୍ତୋଷ ଗୌଡ଼ ୧୫ ବର୍ଷ ତଳେ କବିସୂର୍ଯ୍ୟନଗର ଆମ୍ବପୁଆ ଗ୍ରାମର ଶାନ୍ତିଲତା ଗୌଡ଼ଙ୍କୁ ବିବାହ କରିଥିଲେ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହକୁ ନେଇ ସ୍ତ୍ରୀ ଶାନ୍ତି ଥାନାରେ ଏତଲା କରି ଅଲଗା ରହୁଥିଲେ। ଏମାନଙ୍କ ଦୁଇ ସନ୍ତାନ ରହିଛି। ସ୍ତ୍ରୀ ଶାନ୍ତି ସନ୍ତାନଙ୍କୁ ଧରି ବାପଘର ଆମ୍ବପୁଆରେ ରହୁଥିଲେ। କିଛିବର୍ଷ ପରେ କୁଳ ଲୋକଙ୍କ ହସ୍ତକ୍ଷେପ ହେବାରୁ ବାପା ସନ୍ତୋଷ ପୁଅକୁ ପଢ଼ାଇବା ବାହାନାରେ ଘରକୁ ଆଣିଥିଲେ। ଝିଅ ରହୁଥିଲା ସ୍ତ୍ରୀଙ୍କ ପାଖରେ। ଗତ ୫ ଦିନତଳେ ସନ୍ତୋଷ ଦ୍ୱିତୀୟ ବିବାହ କରିଥିବା ଜାଣିବା ପରେ ଶାନ୍ତି ବାପଘର ଲୋକ ସହ ଆସି ସ୍ୱାମୀ ଘର ଆଗରେ ଝିଅକୁ ଧରି ବସି ପାଟିତୁଣ୍ଡ କରିଥିଲେ। ବାରମ୍ବାର ଘର ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। ଗ୍ରୀଲ ଆରପଟେ ସ୍ୱାମୀ ସନ୍ତୋଷଙ୍କ ପରିବାର ଲୋକ ଓ ଶାନ୍ତିଙ୍କ ମଧ୍ୟରେ ପାଟିତୁଣ୍ଡ ଯୋଗୁ ଗ୍ରାମରେ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସ୍ୱାମୀ ସନ୍ତୋଷ ଖସି ପଳାଇବାରୁ ଶାନ୍ତି ପିଛା କରି କୋଟିନାଡ଼ା ଥାନାକୁ ଆସି ଅଭିଯୋଗ କରିଛନ୍ତି। ପୁଲିସ ଉଭୟଙ୍କୁ ବୁଝାସୁଝା କରିବାକୁ ପ୍ରୟାସ ଜାରି ରଖିଛି।

### ସରକାରୀ ନିୟମକୁ ଫୁଁ'

## ମାଳମାଳ ମାଟି ଇଟାଭାଟି; ପ୍ରଶାସନ ଚୁପ୍

କବିସୂର୍ଯ୍ୟନଗର,୭ ।୨(ସମିସ): ଏନ୍‌ଜିଟି ନିୟମକୁ ଫୁଁ' କରି କବିସୂର୍ଯ୍ୟନଗର ତହସିଲ ଅଧୀନରେ ଗଢ଼ି ଉଠିଲାଣି ମାଳ ମାଳ ବେଆଇନ ପୋଡ଼ା ମାଟି ଇଟାଭାଟି। ହେଲେ ସବୁ ଜାଣି ଚୁପ୍ ବସିଛି ପ୍ରଶାସନ। ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ମାସର ବ୍ୟବଧାନ ପରେ ପୁଣି ଚଳଚଞ୍ଚଳ ହେଲେଣି ମାଫିଆ। ଛତିଶଗଡ଼, ନୂଆପଡା, ବଲାଙ୍ଗୀର ସମେତ ବିଭିନ୍ନ ସ୍ଥାନରୁ ପରିବାର ସହ ଆସିଲେଣି ଶ୍ରମିକ। ସଜଡ଼ା ଚାଲଛି ବିପଦପୂର୍ଣ୍ଣ ଘର। ଆଉ କେଉଁଠି ଏବେଠାରୁ ମାଟିରେ ଇଟା ବାଡାଯାଇ ଭାଟି ପୋଡା ଆରମ୍ଭ ହୋଇଗଲାଣି।



ବଡ଼ଆଗୁଳ, ଗଙ୍ଗାପୁର, ବୁଢାଆମ୍ବ, ସୁବଳିଆ, ବଡ଼ମହୁରି, ଗୋବିନ୍ଦପୁର, ପାଇକଯମୁନା ଭଳି ସ୍ଥାନରେ ୭୦ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି ଗଢି ଉଠିଛି। ଜନବସତି ପାଖରେ ଇଟା ଭାଟି ଗୁଡିକ ନିର୍ମାଣ ଯୋଗୁ ଧୂଳି ଧୂଆଁରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଜନବସତି ଠାରୁ ଦୂରରେ ଉଚ୍ଚା ଚିମିଣି ନିର୍ମାଣ ସହ ଚାଷ ଜମି ପାଖରେ ଇଟା ଭାଟି ନିର୍ମାଣ ନକରିବାକୁ ସରକାରଙ୍କ ନିୟମ ରହିଛି। ହେଲେ ଏଠି କିନ୍ତୁ ସରକାରୀ ନିୟମକୁ ପଚାରେ କିଏ। ଗ୍ରାମ ପାଖରେ ଥିବା ଚାଷ ଜମିକୁ ଲିଜ୍‌ରେ ଆଣି ଇଟାଭାଟି ହେଉଛି। କମ୍ ପାରିଶ୍ରମିକ ଓ ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜିତ କରାଯାଉଛି। ବର୍ତ୍ତମାନ ଇଟା ପୋଡା ସିଜନ ଆରମ୍ଭ ହୋଇଛି। ନିଜ ଅଞ୍ଚଳରେ ରୋଜଗାର ସୁବିଧା ନଥିବାରୁ ଇଟାଭାଟିରେ ଦୁଃଖେ କଷ୍ଟେ କାମକରି ଦୁଇପଇସା ରୋଜଗାର ଆଶାରେ ପରିବାର ସହ ଶ୍ରମିକମାନେ ଆସୁଥିବା କହିଛନ୍ତି। ଅନ୍ୟପଟେ ଚଳିତ ବର୍ଷ କେତୋଟି ଇଟାଭାଟି ନିର୍ମାଣ ହୋଇଛି ତାହାର ତଥ୍ୟ ନାହିଁ, ସୂଚନା ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି କବିସୂର୍ଯ୍ୟନଗର ତହସିଲଦାର।

## ବିଭିନ୍ନ ଦାବି ନେଇ ସିପିଆଇର ବିକ୍ଷୋଭ

ଛତ୍ରପୁର,୭ ।୨(ସମିସ)




୧୨ ଦଫା ଦାବି ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷ କରି ଟୋକନ୍ ଲାପସ୍ ହେବା ପୂର୍ବରୁ ମଣ୍ଡିରୁ ଧାନ କିଣିବା, ରାସନ କାର୍ଡରେ ନାମ ସଂଯୋଗୀକରଣ ପ୍ରକ୍ରିୟା ତୁରନ୍ତ କରିବା, ଆବାସ ଯୋଜନାରେ ଘର ଯୋଗାଇ ଦେବା, ମାଗଣା ବିଦ୍ୟୁତ ଯୋଗାଇଦେବା ବଦଳରେ ସ୍ମାର୍ଟ ମିଟର ମାଧ୍ୟମରେ କରାଯାଉଥିବା ଶୋଷଣକୁ ବନ୍ଦ କରିବା, ଛତ୍ରପୁର ବ୍ଲକରେ ଚାଲିଥିବା ପିସି କାରାବାରକୁ ବନ୍ଦ କରିବା ଆଦି ବିରୋଧରେ ସେମାନେ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ସେମାନଙ୍କ ଦାବି ଗୁଡିକ ପୂରଣ ନ ହେଲେ ଦଳ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ- ସମ୍ପାଦକ ନୀଳକଣ୍ଠ ଦାଶ, ଉତ୍କଳ ମହିଳା ସମିତିର ରାଜ୍ୟ ଉପସଭାନେତ୍ରୀ ଏନ. ଭାନୁମତୀ ରେଡ୍ଡୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ସି ଏଚ୍ ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ରାଜେନ୍ଦ୍ର ନାହାକ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ସାହୁ, ଏନ. ମୁନାପାତ୍ର, ଏନ. ସୁକାନ୍ତ ଆଚାରୀ, ଏସ. ତ୍ରିନାଥ ରେଡ୍ଡୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ନବୀନ ଗୌଡ଼ଙ୍କ ସମେତ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# କ୍ଷୁଆର ମାଡ଼ରେ ଡଙ୍ଗା ଓଲଟି ମତ୍ସ୍ୟଜୀବୀ ମୃତ

ବ୍ରହ୍ମପୁର,୭।୨(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଭେଙ୍କଟରାୟପୁର ଗ୍ରାମର ଜଣେ ମତ୍ସ୍ୟଜୀବୀ ମାଛ ଧରିବାକୁ ସମୁଦ୍ରକୁ ଯାଉଥିବା ବେଳେ ଜୁଆର ମାଡ଼ରେ ଓଙ୍ଗା ଓଲଟି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଏସ୍. ରୁଦ୍ରେୟା (୬୭)।

ସୂଚନା ପ୍ରକାରେ, ଆଜି ଅପରାହ୍ନ ୪ଟାରେ ଭେଙ୍କଟରାୟପୁର ଗ୍ରାମର ବୁଗୁରୁ କ୍ରିଷ୍ଣାଙ୍କ ଡଙ୍ଗାରେ କ୍ରିଷ୍ଣାଙ୍କ ସମେତ ଏସ. ରୁଦ୍ରେୟା, ଲେଙ୍କା ସୋମେୟା, ବୁଗୁରୁ ଗୁରାୟା ମାଛ ଧରିବାକୁ ସମୁଦ୍ରକୁ ବାହାରିଥିଲେ। ସମୁଦ୍ରର ପ୍ରାୟ ୫୦ ମିଟର ଭିତରେ ଉଚ୍ଚ ଜୁଆର ମାଡ଼ରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସମସ୍ତେ ପହଁରି ପହଁରି କୂଳରେ ପହଞ୍ଚିଥିବାବେଳେ ରୁଦ୍ରେୟା କିନ୍ତୁ ପହଞ୍ଚି ନଥିଲେ। ଖୋଜା ଖୋଜି କରିବାରୁ କିଛି ସମୟ ପରେ ପାଣିରେ ଭାସୁଥିବା ଦେଖି ତାକୁ କୂଳକୁ ଆଣି ବ୍ରହ୍ମପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଏ ନେଇ ଡ଼ଙ୍ଗା ମାଲିକର ଭାଇ ବୁଗୁରୁ ଗୁରାୟା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୨ ଯୁବକଙ୍କୁ ଆକ୍ରମଣ; ୩ ଗିରଫ

ବ୍ରହ୍ମପୁର,୭।୨(ସମିସ): ସଦର ଥାନା ଅନ୍ତର୍ଗତ ରାଇଖୋଲ ଛକଠାରେ ୨ ଜଣ ଯୁବକଙ୍କୁ ରାସ୍ତାରେ ଅଟକାଇ କାତିରେ ଆକ୍ରମଣ ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରତନପୁର ବାଉରୀ ସାହିର ଗଣେଶ ଦାସ(୨୪), ଭାବିନୀପୁର ବାଉରୀସାହିର ସୁଦର୍ଶନ ଦାସ ଓରଫ ବାବୁ(୨୬) ଓ ଭିକି ଦାସ(୨୩)। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଆକ୍ରମଣରେ ବ୍ୟବହୃତ ଏକ କାତି ଜବତ କରିଛି। ସୂଚନାପ୍ରକାରେ, ଗତକାଲି ସନ୍ଧ୍ୟା ସାଢେ ୫ଟାରେ ରାଇଖୋଲ ଗ୍ରାମର ଯୁବକ ଆଦିତ୍ୟ ପ୍ରଧାନ ଓ ତାଙ୍କ ଭାଇ ରାକେଶ ଏକ ବାଇକରେ ଆଙ୍କୁଶପୁର ଯାଉଥିବା ବେଳେ ଉପରୋକ୍ତ ଅଭିଯୁକ୍ତମାନେ ରାଇଖୋଲ ଛକରେ ଅଟକାଇ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଆଦିତ୍ୟଙ୍କ ବାପା ରାମ ପ୍ରଧାନ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଉପରୋକ୍ତ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ମାମୁଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରି ଭଣଜା ଗିରଫ

ବ୍ରହ୍ମପୁର,୭ ।୨(ସମିସ): ମାମୁଙ୍କୁ ବ୍ଲେଡରେ ଆକ୍ରମଣ ଅଭିଯୋଗରେ ସଦର ଥାନା ପୁଲିସ ସଂପୃକ୍ତ ଭଣଜାଙ୍କୁ ଗିରଫ କରିଛି। ସେ ହେଲେ ସୁକୁଣ୍ଡା କୁମ୍ଭାର ସାହିର ମନୋଜ ବେହେରା(୨୫)। ସୂଚନାପ୍ରକାରେ, ଲାଠି ଗ୍ରାମର ଗୌର ବେହେରା ଏବଂ ଅଭିଯୁକ୍ତ ମନୋଜଙ୍କ ମା' ସମ୍ପର୍କରେ ଭାଇ-ଭଉଣୀ। କିଛିବର୍ଷ ତଳେ ଗୌର ଭଉଣୀ ନିକଟରୁ କିଛି ସୁନା ବନ୍ଧକ ରଖି ୫୦ ହଜାର ଟଙ୍କା ଧାର ନେଇଥିଲେ। ପର୍ଯ୍ୟାୟକ୍ରମରେ ସେ ନିଜ ଭଉଣୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫୦ ହଜାର ଜମା କରି ଦେଇଥିଲେ।

ଟଙ୍କା ସୁଝିବା ପରେ ଗତକାଲି ଗୌର ନିଜ ଭଉଣୀ ଘରକୁ ଯାଇ ସୁନା ଅଳଙ୍କାର ଫେରାଇବାକୁ କହିଥିଲେ। ହେଲେ ତାଙ୍କ ଭଉଣୀ ଟଙ୍କା ପାଇନଥିବା କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗୌରଙ୍କ ଭଉଣୀର ପୁଅ ତଥା ଅଭିଯୁକ୍ତ ମନୋଜ ଏକ ବ୍ଲେଡରେ ଗୌରଙ୍କୁ ଆକ୍ରମଣ କରିଥିଲେ। ସେ ଚିକିତ୍ସିତ ହୋଇ ଫେରିବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ମନୋଜଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ

# ଅବଧିର ୭ ମାସ ପରେ ବି ଅସମ୍ପୂର୍ଣ୍ଣ କାମ; ଭକ୍ତ କଲବଲ





ବ୍ରହ୍ମପୁର,୭ ।୨(ସମିସ)

ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ ଅବଧି ଶେଷ ହୋଇସାରିଛି। ଏଥିସହ ୭ମାସରୁ ଅଧିକ ଅତିରିକ୍ତ ସମୟ ବିତିଯାଇଛି। ତଥାପି ମଧ୍ୟ ଏ ପର୍ଯ୍ୟନ୍ତ ମା'ଙ୍କ ମନ୍ଦିର ପୁନଃରୁଦ୍ଧାର କାର୍ଯ୍ୟ ସରିବାରେ ନା ନେଉନି। ନିର୍ମାଣ କାର୍ଯ୍ୟରେ ଧିମା କାରଣରୁ ବ୍ରହ୍ମପୁର ବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବତନ ତଥା ବିଜେଡ଼ି ସରକାର ସମୟରେ ମା' ବୁଢ଼ୀ ଠାକୁରାଣୀ ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ କରିବା ନିମନ୍ତେ ନିଷ୍ପତି ନିଆଯାଇଥିଲା। ସ୍ୱାନ୍ ଇନଫ୍ରା ବିଲଡର୍ସ ନାମକ ଏକ ସଂସ୍ଥାକୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦିଆଯାଇଥିବା ବେଳେ ୧୮ ମାସ ମଧ୍ୟରେ ଅର୍ଥାତ ଗତ ୨୦୨୫ମସିହା ଜୁଲାଇ ୧୭ତାରିଖ ସୁଦ୍ଧା ଉକ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ୧୭କୋଟି ୫୯ଲକ୍ଷ ୧୨ହଜାର ୧୪୫ଟଙ୍କା ଅଟକଳ ହୋଇ ବ୍ୟୟ ମଞ୍ଜୁର ହୋଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ହାତ ଓ ପାଦ ଧୋଇବା ପାଇଁ ପାଣିର ବ୍ୟବସ୍ଥା, ପ୍ରେକ୍ଷାଳୟ ଆଦି ନିର୍ମାଣ କରାଯିବାକୁ ନିଷ୍ପତି ହୋଇଥିଲା। ଏଥିସହ ବିଭିନ୍ନ କାର୍ଯ୍ୟରେ ବ୍ୟବହାର ପାଇଁ ହଲ, ପୂଜକଙ୍କ ପାଇଁ ଗୃହ, ମନ୍ଦିରର ରୋଷେଇଘର, ଭୋଗମଣ୍ଡପ ମଧ୍ୟ ନିର୍ମାଣ ନିମନ୍ତେ ଯୋଜନା ରହିଥିଲା। ମନ୍ଦିରକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଆଲୋକସଜ୍ଜା ବ୍ୟବସ୍ଥା ରହିବ। ସେହିପରି ମନ୍ଦିରକୁ ଯାଇଥିବା ରାସ୍ତାର ଉନ୍ନତିକରଣ, ସ୍ୱତନ୍ତ୍ର ପାର୍କିଂବ୍ୟବସ୍ଥା, ଶୌଚାଳୟ, ଲ୍ୟାଣ୍ଡସ୍କେପିଂ ସହିତ ବୃକ୍ଷରୋପଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ନିଷ୍ପତି ହୋଇଥିଲା। ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ ସମୟରେ ମା'ଙ୍କ ଗର୍ଭଗୃହକୁ ଭଙ୍ଗା ନଯାଇ ଏହାର ସୁରକ୍ଷା ନିମନ୍ତେ ଚତୁଃପାଶ୍ୱର୍ରେ ଲୁହାର ଛାଉଣି ଦିଆଯାଇ କାର୍ଯ୍ୟ ହେବ। ମନ୍ଦିର ନିର୍ମାଣ କାର୍ଯ୍ୟକୁ ଓ ଚତୁଃପାଶ୍ୱର୍ର ଉନ୍ନତିକରଣ କାର୍ଯ୍ୟ ସରିବା ପରେ ମନ୍ଦିରର ଗର୍ଭଗୃହର ବିକାଶ କରାଯିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ କାର୍ଯ୍ୟରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଏଇମଧ୍ୟରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଏକାଧିକ ଥର ମନ୍ଦିର ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ବର୍ତ୍ତମାନ କାର୍ଯ୍ୟ ଜାରି ରହିଥିବା ବେଳେ ଅନେକ ପୁନଃରୁଦ୍ଧାର କାର୍ଯ୍ୟ ବାକି ରହିଥିବା ଦେଖିବାକୁ ମିଳିଛି। ସେହିପରି ମନ୍ଦିରର ଚତୁପାଶ୍ୱର୍କୁ ଭଙ୍ଗା ଯାଇଥିବା ବେଳେ ପ୍ରତିଦିନ ଶତାଧିକ ଭକ୍ତ ମନ୍ଦିରକୁ ଆସି ମା'ଙ୍କ ଦର୍ଶନ କରିବା ସହ କିଛି ସମୟ ମନ୍ଦିର ପରିସରରେ ବସି ଆରାଧନା କରିବାରେ ବାଧା ଉପୁଜିଛି। ଅନ୍ୟପକ୍ଷରେ ଚଳିତବର୍ଷ ଏପ୍ରିଲ୍ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବ୍ରହ୍ମପୁର-୧ ରାସ୍ତ ଓ କୋଠାବାଡ଼ି ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ କହିଛନ୍ତି।

# ୧୨ରୁ କଳାହାଣ୍ଡି କପ୍ ପାଇଁ କ୍ରିକେଟ ଦଳ ଚୟନ

ବ୍ରହ୍ମପୁର,୭ ।୨(ସମିସ): ଓଡ଼ିଶା କ୍ରିକେଟ ସଂଘ(ଓସିଏ) ଦ୍ୱାରା ଆସନ୍ତା କଳାହାଣ୍ଡି କପ୍ ପାଇଁ ଗଞ୍ଜାମ ଜିଲ୍ଲା ସିନିୟର କ୍ରିକେଟ ଦଳ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ଚଳିତମାସ ୧୨ ଓ ୧୩ ତାରିଖରେ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଏହି ପରୀକ୍ଷା ହେବ। ତାଲିକାଭୁକ୍ତ ଖେଳାଳି ଷ୍ଟାଡିୟମରେ ଉପସ୍ଥିତ ହୋଇ ଆବାହକ ଓ କମିଟି ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ ଓ ତପନ ପଟ୍ଟନାୟକଙ୍କୁ ରିପୋର୍ଟ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଜାତୀୟ ପାଠଚକ୍ର ଉଦ୍‌ଯାପିତ




ବ୍ରହ୍ମପୁର,୭ ।୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଠଚକ୍ର ଉଦଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସର ପ୍ରଥମ ବୈଷୟିକ ଅଧିବେଶନରେ ସଭା ମୁଖ୍ୟ ଭାବେ ପ୍ରାକ୍ତନ ବିଭାଗ ମୁଖ୍ୟ ଡ. ବିଦ୍ୟୁତପ୍ରଭା ସାହୁ ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ତଥା ଶିକ୍ଷାବିତ୍ ମେଜର ରମାରମଣ ପାଢ଼ୀ ଓ ମୁଖ୍ୟବକ୍ତା ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏକବିଂଶ ଶତାବ୍ଦୀର କଥାସାହିତ୍ୟର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ବକ୍ତା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନର ପ୍ରଫେସର ଶରତ କୁମାର ଜେନା ଯୋଗଦେଇଥିଲେ। ଉଦଯାପନୀ ପର୍ବରେ ସଭାପତିତ୍ୱ କରି ବିଭାଗମୁଖ୍ୟ ଡ. ଉଷାରାଣୀ ରଥ ପାଠଚକ୍ରର ପ୍ରସ୍ତୁତି ଓ ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅଧାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଦେବୀ ପ୍ରସାଦ ଶତପଥୀ, ଡ. ନଳିନୀ କୁମାର ପାଣିଗ୍ରାହୀ, ଡ. ଶରତ କୁମାର ଜେନା, ଡ. ପ୍ରଶାନ୍ତ କୁମାର ପଟ୍ଟନାୟକ, ଡ. ମନୋରଞ୍ଜନ ବିଷୋୟୀ, ସ୍ୱର୍ଣ୍ଣଲତା ବିଷୋୟୀ, ଅଧାପିକା ସ୍ୱର୍ଣ୍ଣଲତା ବିଷୋୟୀଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଓକିଲ ସଂଘ ବିଜୟୀ



ବ୍ରହ୍ମପୁର,୭ ।୨(ସମିସ): ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଗ୍ରାଉଣ୍ଡରେ ଶନିବାର ଗଞ୍ଜାମ ଓକିଲ ସଂଘ ଓ ନିଷ୍ଟ ବିଶ୍ୱବିଦ୍ୟାଳୟ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ କ୍ରିକେଟର ତଥା ରେଳବାଇ କର୍ମଚାରୀ ତପନ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ଓକିଲ ସଂଘ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୨୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଓକିଲ ସଂଘ ବ୍ୟାଟିଂ କରି ୨୫୨ ରନ୍ କରିଥିଲା। ଦଳ ପକ୍ଷରୁ କମଲ୍ ପ୍ରଧାନ ୪୮ ବଲରୁ ସର୍ବାଧିକ ୧୨୦ରନ୍ କରିଥିଲେ ଏବଂ ଅମମେଶ ଚୌଧୁରୀ ୨୨ବଲରେ ୩୭ ରନ୍ କରଥିଲେ। ଜବାବରେ ନିଷ୍ଟ ଦଳ ୨୫୦ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗଞ୍ଜାମ ଓକିଲ ସଂଘ ୨ରନ୍‌ରେ ରୋମାଞ୍ଚକ ବିଜୟୀ ହୋଇଥିଲା। ଓକିଲ ସଂଘର ନାରାୟଣ ସେଠୀ ଓ ନିଷ୍ଟ ଦଳର ତରୁଣ ପଟ୍ଟନାୟକ ଚିତ୍ତାକର୍ଷକ ବୋଲିଂ କରିଥିଲେ। ଗଞ୍ଜାମ ଓକିଲ ସଂଘର ପ୍ରଶାନ୍ତ ନାୟକ, ଚକ୍ରପାଣି ନାହାକ, ଏ ଶ୍ରୀନିବାସ, ସଞ୍ଜୀବ ନାୟକ, ନାରାୟଣ ପ୍ରଧାନ, ଦୁର୍ଗା ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ଅମିତ ମହାନ୍ତି ପ୍ରମୁଖ ଖେଳାଳି ଭାବେ ଅଂଶଗ୍ରହଣ କରିଥିଲେ। ନିଷ୍ଟ ପକ୍ଷରୁ ଅଖିଳ ପାଣିଗ୍ରାହୀ ୬୫ ରନ୍ କରିଥିବାବେଳେ ଅମିତ କୁମାର ସାହୁ ୮୯ ରନ୍ କରିଥିଲେ।

# ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୭ ।୨(ସମିସ): ଗୋପାଳପୁର ପୁଲିସ ମରଣାନ୍ତକ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନାରାୟଣପୁର ଗ୍ରାମର ବି.ମାଧବ। ଗତକାଲି ରାତି ପ୍ରାୟ ୮ଟାରେ ନାରାୟଣପୁର ଗ୍ରାମର ଭି. ଚାନ୍ଦ୍ରେୟାକୁ ଉକ୍ତ ଗ୍ରାମର ବି. ମାଧବ ରେଡି କୋ÷ଣସି କାରଣରୁ ଏକ କାତିରେ ଆକ୍ରମଣ କରିଥିଲା।

ଚିକିତ୍ସା ହୋଇ ଫେରିବା ପରେ ଚାନ୍ଦ୍ରେୟା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ମାଧବକୁ ଗିରଫ ସହ କାତି ଓ ମୋବାଇଲ ଜବତ କରି କୋର୍ଟଚାଲାଣ କରିଛି।

# ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ରଙ୍ଗେଇଲୁଣ୍ଡ,୭।୨(ସମିସ): କନିଷି ହାଟ ସ୍ଥିତ ସିଦ୍ଧ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଶିବ ପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ଼ କୁଳମଣୀ ଓଝା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଖଣି ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜ ମୋହନ ନାୟକ, ଶିକ୍ଷା ପ୍ରତିନିଧି ଗଙ୍ଗାଧର ଶତପଥୀ, ରଜତ ପଣ୍ଡିତ, ସନତ କୁମାର ନାହାକ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ଅଧାପକ ସତ୍ୟ ନାରାୟଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ଜୀବନରେ ଆଗକୁ ଯିବାକୁ ପ୍ରେରଣା ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପିଏମଶ୍ରୀ ବାଲାଜୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ, ଗୋପିନାଥ ମହାରଣାଙ୍କ ସମେତ ଅଧାପକ, ଅଧାପିକ ଓ ଅଣକର୍ମଚାରୀ ଉପସ୍ଥିତ ଥିଲେ।

## ରାସ୍ତାକଡ଼ରେ ବେଆଇନ ପାର୍କିଂ

# ବଢୁଛି ଟ୍ରାଫିକ୍ ସମସ୍ୟା; ଚୁପ୍ ବସିଛି ଟ୍ରାଫିକ ପୁଲିସ ଓ ବିଇଏମସି

ବ୍ରହ୍ମପୁର,୭ ।୨(ସମିସ): ବ୍ରହ୍ମପୁର ସହରର ମୁଖ୍ୟ ଓ ଉପରାସ୍ତା ଗୁଡ଼ିକରେ ବେଆଇନ୍ ଗାଡ଼ି ପାର୍କିଂ ଏବେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବାବେଳେ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ରାସ୍ତାକଡ଼ରେ ଅନଧିକୃତ ଭାବରେ ଚାରିଚକିଆ ଯାନ ରଖାଯାଉଥିବାରୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଦୀର୍ଘଦିନ ହେବ ଏଭଳି ଭାବେ ବେଆଇନ ପାର୍କିଂ କାରଣରୁ ବିଭିନ୍ନ ସମୟରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଛି। ସମସ୍ୟାକୁ ନେଇ ବ୍ରହ୍ମପୁର ଟ୍ରାଫିକ୍ ପୁଲିସ କିମ୍ବା ବ୍ରହ୍ମପୁର ମହାନଗର ନିଗମ(ବିଇଏମସି) ପକ୍ଷରୁ କୌଣସି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ଏସ୍‌ବିଆଇ ମୁଖ୍ୟ ଶାଖା ଠାରୁ ପିଭିଏନ୍ ରାଓ ପାଟ୍ରୋଲ ପମ୍ପ ଆସିବା ରାସ୍ତା କଡ଼ରେ ଦୀର୍ଘମାସ ହେବ ୩ଟି ଗାଡ଼ି ରାସ୍ତାକୁ ମାଡ଼ି ବେଆଇନ ଭାବେ ପାର୍କିଂ ହୋଇଛି। ଏହି ରାସ୍ତାରେ



ବିଭିନ୍ନ ସମୟରେ ବିଇଏମ୍‌ସି ଓ ବ୍ରହ୍ମପୁର ପୁଲିସ ଜିଲ୍ଲାର ବିଭିନ୍ନ ଅଧିକାରୀ ଯାତାୟାତ କରୁଥିଲେ ବି ଏଥିପ୍ରତି କାହାର ନଜର ପଡୁନାହିଁ। ଫଳରେ ସକାଳ ଓ ସନ୍ଧ୍ୟାର ଭିଡ଼ ସମୟରେ ଲୋକେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ବ୍ୟକ୍ତି ବସ୍‌ଷ୍ଟପ୍, ହସ୍ପିଟାଲ, ବିଦ୍ୟାଳୟ ଓ ବଜାରକୁ ଯାତାୟାତ କରିଥାନ୍ତି। ଏହାସହ ବିଭିନ୍ନ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଯାନ ଭଳି ଜରୁରିକାଳୀନ ସେବା ଯାନଗୁଡ଼ିକ ଯାତାୟତ କରୁଥିବା ବେଳେ ବେଆଇନ ପାର୍କିଂ କାରଣରୁ ଉକ୍ତ ଗାଡ଼ି ଗୁଡ଼ିକ ଯିବାରେ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ଲୋକେ କହିଛନ୍ତି ଯେ, ଅଧିକାରୀଙ୍କ ନିୟମିତ ନିରୀକ୍ଷଣ ଓ କଠୋର କାର୍ଯ୍ୟାନୁଷ୍ଠାନର ଅଭାବରୁ ଏପରି ହେଉଛି। ସହରର ବିଭିନ୍ନ ସ୍ଥାନରେ ଉପରାସ୍ତାଗୁଡ଼ିକରେ ବେଆଇନ୍ ଭାବେ ଗାଡ଼ି ପାର୍କିଂ କରିଥିବା ମାଲିକଙ୍କୁ ଜରିମାନା ସହିତ ଗାଡ଼ି ଉଠାଇନେବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ସହରବାସୀ ଦାବି କରିଛନ୍ତି।

## ● ମହିଳା ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର ଘଟଣା

# କୀଟନାଶକ ପିଇଛନ୍ତି ପିଇଓ; ସ୍ୱାସ୍ଥ୍ୟବସ୍ଥା ସ୍ଥିର

ବ୍ରହ୍ମପୁର,୭।୨(ସମିସ): ମହିଳା ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର ଅଭିଯୋଗ ପରେ ଅଭିଯୁକ୍ତ ପିଇଓ ବିଷ ପିଇବା ଘଟଣା ସମ୍ପ୍ରତି ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏହି ଘଟଣା ନେଇ ଲୋକେ ନାନାମତ ଦେଉଛନ୍ତି। ଏପଟେ ଏମ୍‌କେସିଜି ଆଇସିୟୁରେ ପିଇଓଙ୍କ ଚିକିତ୍ସା ଜାରି ରହିଛି। ସେ କୀଟନାଶକ ପିଇଥିବା ଜଣାପଡ଼ିଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ବେଳେ ଏଯାଏ ବିପଦ ଟଳିନି ବୋଲି ଡାକ୍ତର କହିଛନ୍ତି। ଅପରପକ୍ଷେ ଏହି ଘଟଣାରେ ପ୍ରଶାସନିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ, କାର୍ଯ୍ୟରତ ଥିବା ସମୟରେ ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଅଶାଳୀନ ବ୍ୟବହାର ନେଇ ଅଭିଯୋଗ ହୋଇଥିଲା। ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ନାଁରେ ଏପରି ସଂଗୀନ ଅଭିଯୋଗ ହୋଇଥିବା ବେଳେ ଏଭଳି ଖବର ପାଇ ସେ ବିଷପାନ କରିଥିଲେ। ଗଞ୍ଜାମ ଜିଲ୍ଲା ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟନ ଗଣଦୌଡ଼ କାର୍ଯ୍ୟକ୍ରମରେ ଏହି ଘଟଣା ଘଟିଥିଲା।

## ସବୁ ଦୁର୍ନୀତିର ରେକର୍ଡ ଭାଙ୍ଗିଛି ଆମେରିକା ସହ ଟ୍ରେଡ୍ ଚୁକ୍ତି

# ଦେଶବ୍ୟାପୀ ଧର୍ମଘଟକୁ ସଫଳ ପାଇଁ ହିନ୍ଦ୍ ମଜଦୂର ସଂଘର ଆହ୍ୱାନ


ବ୍ରହ୍ମପୁର,୭ ।୨(ସମିସ)

ଆସନ୍ତା ଫେବୃଆରୀ ୧୨ରେ ହେବାକୁ ଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବାକୁ ହିନ୍ଦ ମଜଦୁର ସଭା ରାଜ୍ୟ ଶାଖା ଉପସଭାପତି ରବି ରଥ ଦେଶର ଶ୍ରମିକ ଶ୍ରେଣୀ ଏବଂ ସମସ୍ତ ଟ୍ରେଡ୍ ୟୁନିଅନକୁ ନିବେଦନ କରିଛନ୍ତି। ହିନ୍ଦ୍ ମଜଦୂର ସଂଘର ଏହି ଧର୍ମଘଟରେ ସମସ୍ତ ରାଜ୍ୟ କମିଟି, ଜିଲ୍ଲା କମିଟି ଏବଂ ଅନୁବନ୍ଧିତ ଟ୍ରେଡ୍ ୟୁନିଅନର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଟିୟୁସିଆଇ କେନ୍ଦ୍ରୀୟ କମିଟି ଆହ୍ୱାନ କରିଛି। ଆମେରିକା ସହ ମୋଦି ସରକାରଙ୍କ ସ୍ୱାକ୍ଷରିତ ଅର୍ଥନୈତିକ ଚୁକ୍ତି ଏପର୍ଯ୍ୟନ୍ତ ଘଟିଥିବା ସମସ୍ତ ଦୁର୍ନୀତିର ରେକର୍ଡ ଭାଙ୍ଗି ଦେଇଥିବା ଦାବି ହୋଇଛି। ଭାରତୀୟ ଉତ୍ପାଦ ଉପରେ ଟିକସ ବୃଦ୍ଧି କରିବାର କ୍ଷମତା ଆମେରିକାକୁ ଦିଆଯାଇଥିବା ବେଳେ ଆମେରିକୀୟ ଉତ୍ପାଦ ପାଇଁ ଭାରତକୁ ଶୁଳ୍କମୁକ୍ତ ପ୍ରବେଶ ପ୍ରଦାନ କରାଯାଇଥିବା ଦାବି ହୋଇଛି। ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିବା ସହ ଶ୍ରମିକ ଶ୍ରେଣୀ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଛନ୍ତି।

ଦେଶର ଅଧିକାଂଶ ଅଞ୍ଚଳରେ ଶ୍ରମିକମାନେ ସର୍ବନିମ୍ନ ମଜୁରୀ, ଚାକିରି ସୁରକ୍ଷା ଏବଂ ସମ୍ମାନଜନକ ଜୀବନ ପାଇଁ ଜୀବନ-ମୃତ୍ୟୁ ସଂଗ୍ରାମ କରୁଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ଚାରୋଟି ନୂତନ ଶ୍ରମ ଆଇନ ମାଧ୍ୟମରେ ଶ୍ରମିକ ଶ୍ରେଣୀ ଉପରେ ଏକ ବଡ଼ ଆକ୍ରମଣ କରୁଛି। ଯାହାକୁ ନେଇ କୃଷକ-ଶ୍ରମିକ ବିରୋଧୀ ନୀତି ବିରୋଧରେ ଚଳିତ ମାସ ୧୨ତାରିଖରେ ସାରା ଦେଶରେ ହେଉଥିବା ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ କରାଯାଇଛି। କେନ୍ଦ୍ର ସରକାର କରିଥିବା ଭାରତ ଓ ଆମେରିକା ବିବାଦୀୟ ବାଣିଜ୍ୟ ଚୁକ୍ତିନାମାରୁ ତୁରନ୍ତ ଓହରି ଆସିବାକୁ କେନ୍ଦ୍ର ସରକାର ଉପରେ ଚାପ ପ୍ରଦାନ କର, ଶ୍ରମିକ ବିରୋଧୀ ୪ ଶ୍ରମ ସଂହିତା ରଦ୍ଦ କରିବା, ମନରେଗା ଆଇନକୁ ପୁନଃ ସ୍ଥାପିତ କରିବା ଆଦି ଦାବିନେଇ ଏହି ଧର୍ମଘଟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଏବଂ ସରକାରଙ୍କ ଜନବିରୋଧୀ ନୀତିକୁ ଦୃଢ଼ ପ୍ରତିରୋଧ କରିବା ପାଇଁ ଦେଶର ସମସ୍ତ ଶ୍ରମିକ, କୃଷକ, ପ୍ରଗତିଶୀଳ ସଂଗଠନ ଏବଂ ଗଣତାନ୍ତ୍ରିକ ଶକ୍ତିକୁ ଏଚଏମଏସ୍ ନିବେଦନ କରିଛି।

# କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍‌ର ମିଳିତ ମଞ୍ଚ ବୈଠକ

ବ୍ରହ୍ମପୁର,୭ ।୨(ସମିସ): ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍‌ଗୁଡ଼ିକର ମିଳିତ ମଞ୍ଚ ପକ୍ଷରୁ ଫେବୃଆରୀ ୧୨ ଧର୍ମଘଟକୁ ସଫଳ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ୱାଧୀନ ଫେଡେରେସନ୍ ଓ ଆସୋସିଏସନ୍ ବୃନ୍ଦ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କୃଷକ ଓ ଗ୍ରାମୀଣ ଶ୍ରମିକ ୟୁନିଅନ୍‌ଗୁଡ଼ିକର ସମର୍ଥନରେ ୧୨ ଫେବୃଆରୀରେ ଦେଶବ୍ୟାପୀ ଅଲ୍ ଇଣ୍ଡିଆ ସାଧାରଣ ଧର୍ମଘଟ ଆହ୍ୱାନ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରମଜୀବୀ ଲୋକଙ୍କ ଅଧିକାର ଓ




ଜୀବିକା ଉପରେ କ୍ରମାଗତ ଆକ୍ରମଣର ଏକ ଶକ୍ତିଶାଳୀ ଓ ଏକଜୁଟ ପ୍ରତିକ୍ରିୟା ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଛି। ଏନେଇ ମଞ୍ଚ ପକ୍ଷରୁ ବ୍ରହ୍ମପୁର ସହର ସମେତ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପିକେଟିଂ କରାଯିବ। ପ୍ରଗତିଶୀଳ ସଂଗଠନ, ଟ୍ରେଡ୍ ୟୁନିଅନ, କୃଷକ ସଂଗଠନ, ଛାତ୍ର ସଂଗଠନ, ମହିଳା ସଂଗଠନ, ବିରୋଧୀ ରାଜନୈତିକ ଦଳ ଓ ସଚେତନ ନାଗରିକମାନଙ୍କୁ ଧର୍ମଘଟକୁ ସମର୍ଥନ ଦେବାକୁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ବୈଠକରେ ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ସୋମନାଥ ବେହେରା, ପ୍ରବୀଣ ଦାସ, ଯୁଧିଷ୍ଠିର ବେହେରା ଓ ପ୍ରଫୁଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



ଚୋରି ଘଟଣାର ପର୍ଦ୍ଦାଫାସ

# ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଉଦ୍ଧାର; ୩ ଗିରଫ

ପାରଳାଖେମୁଣ୍ଡି, ୭ ।୨ (ସମିସ)



ଗଜପତି ଜିଲ୍ଲା ପୁଲିସ ଏକ ୩ ଜଣିଆ ଚୋର ଗ୍ୟାଙ୍ଗକୁ ଧରିବା ସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର ହୋଇଛି। ଚୋରମାନଙ୍କ ଠାରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସୁନାଗହଣା ଉଦ୍ଧାର ହୋଇଛି। ଚୋରି ହୋଇଥିବା ସମସ୍ତ ସାମଗ୍ରୀକୁ ପୁଲିସ୍ ଜବତ କରିବା ସହ ୩ ଚୋରଙ୍କୁ କାବୁ କରିଥିବା ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ସେରଙ୍ଗ ଥାନା ଗାଇବା ଆଉଟପୋଷ୍ଟ ଅନ୍ତର୍ଗତ ମାରିଗୁଡା ଗ୍ରାମର ଆର୍. ଲକ୍ଷ୍ମୀକଲ୍ୟାଣୀ ସପରିବାର ଗତମାସ ୨୫ ତାରିଖରେ ଆନ୍ଧ୍ରର ଶ୍ରୀକାକୁଲମ ସୂର୍ଯ୍ୟମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେହିଦିନ ବିଳମ୍ବିତ ରାତିରେ ଫେରି ତାଲା ଖୋଲି ଘରକୁ ଯାଇଥିଲେ। ଏହାପରେ ସେ ଘରର ଆଲମିରା ଭାଙ୍ଗିଥିବା ଏବଂ ଅନ୍ୟାନ୍ୟ ଆସବାବପତ୍ର ଏଣେତେଣେ ପଡ଼ିଥିବା ଦେଖିଥିଲେ। ଏଥିସହ ଘରେ ଥିବା ନଗଦ ୧ ଲକ୍ଷ ୯୮ ହଜାର ଟଙ୍କା ସହ ସୁନା, ରୁପା ଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘରର ପଛ ଭାଗର କିଛି ଅଂଶକୁ ଭାଙ୍ଗି ଚୋର ପଶି କଳାକନା ବୁଲାଇଥିଲେ। ଏନେଇ ସେ ୨୬ ତାରିଖରେ ସେରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଲକ୍ଷ୍ମୀକଲ୍ୟାଣୀଙ୍କ ଅଭିଯୋଗକୁ ଭିତ୍ତିକରି ସେରଙ୍ଗ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଡିଏସ୍‌ପି ଅମିତାଭ ପଣ୍ଡାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୁଲିସ୍ ଟିମ୍ ଗଠନ କରାଯାଇ ତଦନ୍ତ ବେଳେ ସେରଙ୍ଗ ଥାନା ମାରିଗୁଡା ଗ୍ରାମର ମରାଠି ଗିରିବାବୁ (୩୪), ଅରୁଣ କୁମାର ପ୍ରଧାନ ଓରଫ୍ ନରସିଙ୍ଗ (୪୫) ଏବଂ ପରିଡା ଗ୍ରାମର ମୂରଲୀ ନାୟକ (୪୧) ଚୋରି ଘଟଣାରେ ସମ୍ପୃକ୍ତି ଥିବା ଜାଣିବା ପରେ ସମସ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଚୋରି ସୁନା, ରୁପା ଓ ଅନ୍ୟାନ୍ୟ ସାମଗ୍ରୀକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ପ୍ରାୟ ସମସ୍ତ ସାମଗ୍ରୀ ମାରିଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲର ଏକ ସ୍ଥାନରେ ପୋତାଯାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇ ଜବତ କରାଯାଇଥିଲା। ହେଲେ ଚୋରି ହୋଇଥିବା ୧ ଲକ୍ଷ ୯୮ ହଜାର ଟଙ୍କା ଜବତ ହୋଇନଥିବା ବେଳେ ଜବତ ପାଇଁ ଏବଂ ଏହି ଗ୍ୟାଙ୍ଗ ଅନ୍ୟ କୌଣସି ଚୋରି ଘଟଣାରେ ସମ୍ପୃକ୍ତ କି ନୁହେଁ ତାହା ଜାଣିବାକୁ ଆବଶ୍ୟକ ହେଲେ ସେମାନଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିବେ ବୋଲି ଏସପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଅପରପକ୍ଷରେ ଆର୍. ଲକ୍ଷ୍ମୀକଲ୍ୟାଣୀ ଖୁବ୍ କମ୍ ଦିନରେ ଚୋରଙ୍କୁ ଧରିବା, ଚୋରି ହୋଇଥିବା ସାମଗ୍ରୀ ଜବତ କରାଯିବା ଏବଂ ପୁଲିସର ସଫଳତା ପାଇଁ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡାଙ୍କ ସମେତ ସମସ୍ତ ପୁଲିସ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଡିଏସପି ଅମିତାଭ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଗାଡ଼ି ସହ ୧୧ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଭାଙ୍ଗ ଜବତ



ମୋହନା,୭।୨(ସମିସ): ମୋହନା ବ୍ଲକ ଅଡବା ଥାନା ଅନ୍ତର୍ଗତ ବେବେରୀ ଛକରୁ ୧୧ କ୍ୱିଣ୍ଟାଲ ୯୦ କିଲୋ ଭାଙ୍ଗ ଜବତ କରିଛି ପୁଲିସ। ଶନିବାର ସକାଳେ ପୁଲିସ୍ ପାଟ୍ରୋଲିଂ ବେଳେ ଏକ ପିକ୍‌ଅପ ଗାଡ଼ିକୁ ଅଟକାଇଥିଲା। କିନ୍ତୁ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ବେଳେ ଗାଡ଼ିରୁ ଭାଙ୍ଗ ଜବତ କରିଥିଲା ପୁଲିସ୍। ଉକ୍ତ ଭାଙ୍ଗ ଅଡ଼ବା ଥାନା ଅନ୍ତର୍ଗତ ଗୁଲୁବା ଅଞ୍ଚଳରୁ ପୁରୀକୁ ଚାଲାଣ ହେଉଥିବା ଅନୁମାନ କରାଯାଉଛି। ଏନେଇ ଅଡ଼ବା ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ପୁଲିସ।

## ଶିବରାତ୍ରୀ ପୂର୍ବରୁ ଶିବାଳୟରେ ସଫେଇ

ପାରଳାଖେମୁଣ୍ଡି,୭ ।୨(ସମିସ): ମହା ଶିବରାତ୍ରୀ ପାଇଁ ସମସ୍ତ ଶିବାଳୟ କିଭଳି ପରିଷ୍କାର ହୋଇ ନୂତନ ରୂପରେ ସଜେଇ ହେବ ସେ ସମ୍ପର୍କରେ ଯୁବ ସମାଜସେବୀ ଲୋକନାଥ ମିଶ୍ର ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ପ୍ରଶାସନିକ ଅଧିକାରୀଙ୍କ ସାହାଯ୍ୟ ଲୋଡିଥିଲେ। ଏହି କ୍ରମରେ ଆଜି ସ୍ଥାନୀୟ ସେରିସାହି ପଛ ବିଲ ମଧ୍ୟରେ ଥିବା ଏଣ୍ଡାଲା ମଲ୍ଲିକାର୍ଜୁନ ମହାଦେବଙ୍କ ମନ୍ଦିର ତଥା ପୁଷ୍କରିଣୀକୁ ଯଥାସମ୍ଭବ ପରିଷ୍କାର କରାଯାଇଥିଲା। ଜିଲ୍ଲା ଖଣି ଅଧିକାରୀ ଦିପେନ ପରିଡ଼ା, ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ ଥିବା କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଓକିଲ ସଂଘ ସମ୍ପାଦକ ତଥା ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍. ପୃଥ୍ୱୀରାଜ, ଏପିପି. ସୌମ୍ୟ ସୌରଭ ପଟ୍ଟନାୟକ, ଗାୟତ୍ରୀ ପରିବାରର ସନ୍ତୋଷ ଗନ୍ତାୟତ, ଅଭିଷେକ ଗନ୍ତାୟତ ଓ ଅଖିଳ ଭାରତୀୟ ଯୁବାଜନ ସେବାସମିତିର କୁମାର ରେଡ୍ଡୀ, ଗିନି ରମେଶ ସହଯୋଗ କରିଥିଲେ। ଉକ୍ତ ମନ୍ଦିରଟି ମହାରାଜାଙ୍କ ଅମଳର ହୋଇଥିଲେ ମଧ୍ୟ ବିଲ ମଧ୍ୟରେ ରହିଥିବାରୁ ତା'ର ଉପଯୁକ୍ତ ରକ୍ଷଣାବେକ୍ଷଣା ହୋଇନପାରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କିନ୍ତୁ ଶିବରାତ୍ରୀ ଅବସରରେ ଚଳଚଞ୍ଚଳ ହେବା ସହ ସାଜସଜା କରାଯାଇଥାଏ। ମନ୍ଦିରର ପୁନରୁଦ୍ଧାର କରାଯାଇ ନିକଟସ୍ଥ ପୁଷ୍କରିଣୀ ସଫେଇ ପାଇଁ ଦାବି ହେଉଛି।

## ଗୁମାମାହା ସାପ୍ତାହିକ ହାଟ ଉଦ୍‌ଘାଟିତ



ରାଇକିଆ,୭।୨(ସମିସ): ରାଇକିଆ ବ୍ଲକ ଗୁମାମହା ପଞ୍ଚାୟତର ସାପ୍ତାହିକ ଜନଜାତି ହାଟ ଶନିବାର ଉଦ୍‌ଘାଟିତ ହୋଇଛି। ସରପଞ୍ଚ ପ୍ରମିଳା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରୀନା ପ୍ରଧାନ, ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ବିଜେପି ମଣ୍ଡଳ ସଭାପତି ସନ୍ତୋଷ ପାତ୍ର ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ମଧୁସୁଦନ ପ୍ରଧାନ, ବାଲୁଙ୍କେଶ୍ୱର ମନ୍ଦିର ସଭାପତି ତରୁଣ ସେନ ପ୍ରଧାନ, ୱାର୍ଡସଭ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହାଦ୍ୱାରା ଚାଷୀ ସିଧାସଳଖ ନିଜ ଅଞ୍ଚଳରେ ପନିପରିବା ବିକ୍ରୟ କରିବାର ସୁଯୋଗ ପାଇବା ସହ ଆଖପାଖ ଗ୍ରାମର ଜନସାଧାରଣ ମଧ୍ୟ ହାତପାହାନ୍ତାରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟବିକ୍ରୟ କରି ପାରିବେ ବୋଲି କୁହାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ପରିଚ୍ଛାସାହିରେ ସଫେଇ



ଫିରିଙ୍ଗିଆ,୭।୨(ସମିସ): ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ପରିଚ୍ଛାସାହିରେ ପାହାଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁଞ୍ଜ ଅନୁଷ୍ଠାନ ନୂଆଦିଲ୍ଲୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଫେଇ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଟିମ୍ ଲିଡର ବିଭୂପ୍ରସାଦ ପ୍ରଧାନ, ଡିଓ ଦଣ୍ଡପାଣି କହଁର ଓ ଡିଓ ଅମୂଲ୍ୟ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ସଫେଇରେ ସାହିର ୨୭ ପରିବାରର ସାମିଲ ହୋଇଥିଲେ। ସାହିରେ ସମସ୍ତେ ପରିବାର ବାଉଁଶ କାରିଗର ହୋଇଥିବାରୁ ଅନୁଷ୍ଠାନ ତରଫରୁ ସଚେତନ କରାଯିବା ସହ ଆଗାମୀ ଦିନରେ ଏହି କାର୍ଯ୍ୟକୁ ଆଗକୁ ବଢାଇବାକୁ ଗୁଞ୍ଜ ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରକାର ଆବଶ୍ୟକ ଜିନିଷ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ବାଲ୍ୟ ବିବାହ ନିରୋଧ ନେଇ ଜନସଚେତନତା



ପାରଳାଖେମୁଣ୍ଡି, ୭ ।୨(ସମିସ): ନାଲ୍‌ସା ଜାଗୃତି ଯୋଜନା ଏବଂ ନାଲସା ଆଶା ଯୋଜନା ଅନୁଯାୟୀ ବାଲ୍ୟ ବିବାହ ନିରୋଧ ପାଇଁ ଆଇନରେ ରହିଥିବା ବିଭିନ୍ନ ଦିଗ ବିଷୟରେ ଜନ ସଚେତନତା କାର୍ଯ୍ୟକ୍ରମ ଆଜି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଲାବଣ୍ୟଗଡ଼ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଜଷ୍ଟିସ କର୍ଣ୍ଣର ଚାରିଟେବଲ ଟ୍ରଷ୍ଟଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅଦାଲତର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ଗାରାବନ୍ଧ ଥାନାର ସବଇନ୍ସପେକ୍ଟର କୁମାରୀ ଅମ୍ବିକା ବେନିଆ, ଗୋଷାଣି ବ୍ଲକ ଆଇସିଡିଏସ ସୁପରଭାଇଜର ତପସ୍ୱିନୀ ଜେନା, ପାରଳାଖେମୁଣ୍ଡି ସ୍ଥିତ ଜଷ୍ଟିସ କର୍ଣ୍ଣର ଚାରିଟେବଲ ଟ୍ରଷ୍ଟର ସମାଜସେବୀ ଜଗନ୍ନାଥ ଚୌଧୁରୀ ଯୋଗ ଦେଇ ଶିଶୁ ସୁରକ୍ଷା ନେଇ ରହିଥିବା ଆଇନର ବିଭିନ୍ନ ଦିଗ ବିଷୟରେ ତର୍ଜମା କରିବା ସହ, ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ (ନାଲସା)ଙ୍କ ଆଇନ ସଚେତନତା ଯୋଜନାଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଲାବଣ୍ୟଗଡ ସରପଞ୍ଚ ବିରଞ୍ଚି କୁମାର ଦଳପତି ଓ ଗାରାବନ୍ଧ ଥାନାର କର୍ମଚାରୀ ତଥା ଜିଲ୍ଲା ନ୍ୟାୟାଳୟର କର୍ମଚାରୀ ସହଯୋଗ କରିଥିଲେ।

ମା' ପିତାବଳୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

## ପପୁ ପମ୍‌ପମ୍‌ଙ୍କ କମେଡ଼ିରେ ହସି ହସି ଦର୍ଶକ ବେଦମ



ଫିରିଙ୍ଗିଆ, ୭।୨(ସମିସ): ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ଜିଡ଼ିଙ୍ଗପଡାରେ ଚାଲିଥିବା ମା' ପିତାବଳୀଙ୍କ ୪୬ ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ହାସ୍ୟ ଅଭିନେତା ପପୁ ପମପମ ଓ ତାଙ୍କ ସାଥି କଳାକାରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ କୃଷ୍ଣ ମୁଖି ଓ ତାଙ୍କ ସାଥି କଳାକାରଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ଉଦଯାପନ ସମାରୋହ ଯାତ୍ରା କମିଟି ସଭାପତି ବାବୁଲା କହଁରଙ୍କ ସଭାପତିତ୍ୱରେ ହୋଇଥିଲା। ଫିରିଙ୍ଗିଆ ସାଂସଦ ପ୍ରତିନିଧି ତଥା ଜିଲ୍ଲା ବିଜେପି ଉପସଭାପତି ଗୋଲକ କହଁର ମୁଖ୍ୟଅତିଥି, ପୂର୍ବତନ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ପକାରୀ ସରପଞ୍ଚ ଦିନିକି କହଁର, କୁଇ ଗୀତିକାର ଓ କଣ୍ଠଶିଳ୍ପୀ ଜଳନ୍ଧର ବେହେରା, ବିଜେପି ଫିରିଙ୍ଗିଆ ମଣ୍ଡଳ ସଭାପତି ଶ୍ରୀବତ୍ସ କହଁର, ସମାଜସେବୀ ବାବୁଲା ପ୍ରଧାନ, ସମିତିସଭ୍ୟ ଅରୁଣ ଦିଗାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଞ୍ଜୟ ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୂଜା କମିଟି ସମ୍ପାଦକ ତପନ କହଁର ଓ କୋଷାଧକ୍ଷ କୃଷ୍ଣଚନ୍ଦ୍ର କହଁରଙ୍କ ସହ ଉପଦେଷ୍ଟା କମିଟିର ବିବିନା କହଁର, କୁମୁଦ ଚନ୍ଦ୍ର କହଁର, ସୁପୁକା କହଁର, କୁବୁଦା କହଁର, ହେମନନ୍ଦ କହଁର, ପିଣ୍ଟୁ କହଁର ସହଯୋଗ କରିଥିଲେ। ହାସ୍ୟ ଅଭିନେତା ପପୁ ପମପମ୍ ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିଥିଲେ।

## ଶ୍ରୀରାମ କଲେଜର ବାର୍ଷିକ ଉତ୍ସବ



କାଶୀନଗର,୭।୨(ସମିସ): କାଶୀନଗରସ୍ଥିତ ଶ୍ରୀରାମ କଲେଜର ବାର୍ଷିକ ଉତ୍ସବ ରଘୁନାଥ ସଂସ୍କୃତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସଂଯୁକ୍ତ ପାଢୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟାମ୍ମା, ପୂର୍ବତନ କଲେଜ ଅଧ୍ୟକ୍ଷ ନବକୃଷ୍ଣ ସାହୁକାର ଓ ସମାଜସେବୀ ରଘୁରାମ ସାହୁ ମଞ୍ଚାସୀନ ଥିଲେ। ପ୍ରଥମେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ରଘୁନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରଛାତ୍ରୀ ଶିକ୍ଷା ସହ ଶାରୀରିକ ଦକ୍ଷତା ପ୍ରତି ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବିଧାୟକ ହୋଇଥିଲେ। ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କାଶୀନଗର ଅଂଚଳରେ ଶିକ୍ଷାର ପ୍ରସାର ପାଇଁ ଉକ୍ତ ବିଦ୍ୟାଳୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀରାମ ଜୁନିୟର କଲେଜ ଓ ଡିଗ୍ରୀ କଲେଜର ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ଜମୁଛି ଭିଡ଼

ଜି.ଉଦୟଗିରି,୭ ।୨(ସମିସ): ଜି.ଉଦୟଗିରି ଶ୍ରୀରାମପଦା କଳିଙ୍ଗ ମିନି ଷ୍ଟାଡିୟମରେ ଚାଲିଥିବା ଶୀତ ମହୋତ୍ସବ 'ତୁଷାର'ରେ ମଜା ନେଉଛନ୍ତି ଲୋକେ। ଅଂଚଳରେ ମନୋରଞ୍ଜନର କୌଣସି ସାଧନ ନ ଥିବା ବେଳେ ଏହା ଏବେ ପ୍ରମୁଖ ମହୋତ୍ସବ ପାଲଟିଛି। ସନ୍ଧ୍ୟା ହେଉ ହେଉ ମହୋତ୍ସବ ପଡ଼ିଆରେ ନାହିଁ ନଥିବା ଭିଡ଼ ଜମୁଛି। ମହୋତ୍ସବରେ ଖୋଲିଥିବା ଷ୍ଟଲକୁ ଦୈନିକ ହଜାର ହଜାର ଲୋକ ଘରକରଣା ସାମଗ୍ରୀ କିଣୁଥିବା ବେଳେ କିଏ ମାଗଣା ସ୍ୱାସ୍ଥ୍ୟ ସେବାର ଫାଇଦା ନେଉଛନ୍ତି। ପଡିଆରେ ବିଭିନ୍ନ ସାମଗ୍ରୀ ସମେତ କନ୍ଧମାଳ ହଳଦୀ, ଝାଡୁ, ଡାଲି ଏସ୍‌ଏଚ୍‌ଜି ମହିଳାଙ୍କ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ସୁଲଭ ଦରରେ ମିଳୁଛି। ମୀନାବଜାର ଏବଂ ଦୋଳି ମୁଖ୍ୟ ଆକର୍ଷଣ ପାଲଟିଛି। ମହୋତ୍ସବ କମିଟି ତରଫରୁ ଷ୍ଟଲ ବ୍ୟବସ୍ଥା କରାଯାଇଥିବା ବେଳେ ବେଳେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ଟିକାବାଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଟିକାବାଲି,୭।୨(ସମିସ): ଟିକାବାଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ କାମରାଜ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଉମାଚରଣ ମଲିକ ମୁଖ୍ୟଅତିଥି, ମୁଖ୍ୟ ବକ୍ତା ଭାବେ ଟିକାବାଲି ଗୋଷ୍ଠୀ ଶିକ୍ଷାଅଧିକାରୀ ବିନୋଦ ବିହାରୀ ଦିଗାଳ, ସମ୍ମାନିତ ଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ଟିକାବାଲି ସରପଞ୍ଚ କୁନ୍ଦୁରୁ ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କହଁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଇରାମ ବେହେରା ଏବଂ ପୂର୍ବତନ ସଭାପତି ପ୍ରମୋଦ ବିଷୋୟୀ, ପୂର୍ବତନ ଛାତ୍ର ଶୁଭେନ୍ଦୁ ଦାସ, ସହଶିକ୍ଷକ ଦାମୋଦର ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ମେରାମାହା ଛକ-ହାତୀମୁଣ୍ଡା ରାସ୍ତା ଶୋଚନୀୟ



ବ୍ରାହ୍ମଣୀଗାଁ,୭।୨(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଠାରୁ ପ୍ରାୟ ୩ କିମି ଦୂର ମେରାମାହା ଛକଠାରୁ ହାତୀମୁଣ୍ଡା ଗ୍ରାମ ପର୍ଯ୍ୟନ୍ତ ୧୩ କିମି ଗ୍ରାମ୍ୟଉନ୍ନୟନ ବିଭାଗର ଅଣଓସାରିଆ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଉପରେ ଆଖପାଖ ଅଞ୍ଚଳର ଲୋକେ ଯାତାୟତ ପାଇଁ ନିର୍ଭରଶୀଳ। ହେଲେ ଦୀର୍ଘଦିନ ହେଲା ମରାମତି ଅଭାବରୁ ଏହି ରାସ୍ତା ଶୋଚନୀୟ ସହ ଦୁର୍ଘଟଣା ପ୍ରବଣ ହୋଇଯାଇଛି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ରାସ୍ତାର ଅଧିକାଂଶ ସ୍ଥାନ ଖାଲଖମାରେ ଭରିଯାଇଛି। କେତେକ ସ୍ଥାନରେ ରାସ୍ତାର ଦୁଇ ପାଖ ବର୍ଷାରେ ଧୋଇ ଯାଇଛି। ଏହି ରାସ୍ତାରେ ୩ ଯାତ୍ରୀବାହୀ ଗାଡ଼ି ବିପଦସଙ୍କୁଳ ଭାବରେ ଚଳାଚଳ କରୁଛି। ବର୍ଷାଦିନେ ରାସ୍ତା ଅଧିକ ବିପଦସଙ୍କୁଳ ହୋଇଯାଉଛି। ରାସ୍ତାର ଜରୁରୀ ମରାମତି ନିମନ୍ତେ ଜନସାଧାରଣରେ ଦାବି କରିଛନ୍ତି। ତୁରନ୍ତ ମରାମତି ନହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ମରଣଯନ୍ତା ପାଲଟିଛି ସିର୍କାବର୍ଗ ରାସ୍ତା

## ପଞ୍ଚାୟତ ନିର୍ବାଚନ ବର୍ଜନ ଚେତାବନୀ

ବ୍ଲାକ୍‌ଲିଷ୍ଟେଡ୍ ହେବେ ଠିକାଦାର: ଏସ୍‌ଡିଓ

ଦାରିଙ୍ଗବାଡ଼ି,୭।୨(ସମିସ)



ଦୁଇ ବର୍ଷ ହେଲା ରାସ୍ତା ପାଇଁ ନାହିଁ ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଦାରିଙ୍ଗବାଡି ବ୍ଲକ ସିର୍କାବର୍ଗ ପଞ୍ଚାୟତବାସୀ। ମୁଲୁକଚେରୀ ଛକଠାରୁ ସିର୍କାବର୍ଗକୁ ୩୦ କିଲୋମିଟର ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ରାସ୍ତାର ଅଧିକାଂଶ ସ୍ଥାନରୁ ମେଟାଲ ଉଠିଯିବା ସହ ପିଚୁ ଆଉ ଦେଖା ଯାଉନାହିଁ। ଠିକାଦାର ଜଣଙ୍କ ରାସ୍ତାକାମ କରିବା ପରେ ରକ୍ଷଣାବେକ୍ଷଣା କଥା ଭୁଲିଯାଇଛନ୍ତି। ଏଥିଯୋଗୁ ୨ ବର୍ଷ ହେଲା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରେ ଯିବାକୁ ଲୋକେ ଭୟ କରୁଛନ୍ତି। ଘାଟି ପାହାଡ଼ ରାସ୍ତା ଯୋଗୁ ଯାତାୟାତ ବେଳେ ବୁଲାଣି ରାସ୍ତାରେ ଗାଡ଼ି ଚକରେ ମେଟାଲ ଲାଗି ଦୁର୍ଘଟଣା ଘଟୁଛି। ଲୋକେ ଯାତାୟାତ ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ଦନେକବାଡ଼ି ଓ ସିର୍କାବର୍ଗ ପଞ୍ଚାୟତ ସହ କୋଟଗଡ଼ ବ୍ଲକର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ରାସ୍ତା ଆଜି ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ୨ ପଞ୍ଚାୟତର ସରପଞ୍ଚଙ୍କ ସମେତ ସମିତିସଭ୍ୟ ଅନେକ ଥର ରାସ୍ତା ମରାମତି ନେଇ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଠାରୁ ଆରମ୍ଭ କରି ଅନଲାଇନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ସହ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ ସୁଦ୍ଧା ପ୍ରଶାସନ ଏଯାବତ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନଥିବାରୁ ରାସ୍ତା ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ବିଭାଗୀୟ ଅଧିକାରୀ ଆଜି କାଲି କହୁଥିବା ବେଳେ ଠିକାଦାରକୁ ନୋଟିସ ଦେଇ ବିଭାଗ ଚୁପ ହୋଇ ବସିଛି। ଠିକାଦାର ଉପରେ ସେଭଳି କିଛି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ଗ୍ରାମ୍ୟ ଉନ୍ନୟନ ବିଭାଗ। ଏନେଇ ସାଧାରଣରେ ଅସନ୍ତୋଷ ତେଜୁଛି। ଯଥାଶୀଘ୍ର ରାସ୍ତା ମରାମତି ନହେଲେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ସମ୍ପୂର୍ଣ୍ଣ ବର୍ଜନ କରିବେ ବୋଲି ଜଣାଇଛନ୍ତି ଗ୍ରାମବାସୀ। ସିର୍କାବର୍ଗ ପଞ୍ଚାୟତ କଂଗ୍ରେସ ଗଡ଼ ହୋଇଥିବା ଯୋଗୁ ରାଜନୈତିକ ଆକ୍ରୋଶ ରଖି ବିକାଶ ଦିଗରେ ସରକାର ଦୃଷ୍ଟି ଦେଉ ନଥିବା ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡ଼ିଓ ଶ୍ୟାମ ସୁନ୍ଦର ସିଂଙ୍କୁ ଏସମ୍ପର୍କରେ ପଚାରିବାରୁ ଠିକାଦାରଙ୍କୁ ଅନେକ ଥର ନୋଟିସ ହେଲାଣି, ହେଲେ ସେ କାମ କରୁନାହାନ୍ତି। ତାଙ୍କୁ ବ୍ଲାକଲିଷ୍ଟ କରାଯିବ ବୋଲି କହିଛନ୍ତି।

● ଶୀତ ମହୋତ୍ସବ 'ତୁଷାର' ଉଦ୍‌ଯାପିତ

# ବଲାଙ୍ଗୀର ମେଲୋଡି ଏବଂ ଡ୍ୟାନ୍ସରେ ଦର୍ଶକ ବିଭୋର



ଜି.ଉଦୟଗିରି, ୭ ।୨(ସମିସ): ଜି.ଉଦୟଗିରି ଶ୍ରୀରାମପଦା କଳିଙ୍ଗ ମିନି ଷ୍ଟାଡିୟମରେ ପାଞ୍ଚଦିନ ଧରି ଚାଲିଥିବା ଶୀତ ମହୋତ୍ସବ 'ତୁଷାର' ଶନିବାର ଉଦ୍‌ଯାପିତ ହୋଇଯାଇଛି । ପୂର୍ବତନ ମହିଳା କମିଶନ ସଦସ୍ୟା ଜାଲିନା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟଅତିଥି, ସ୍ୱତନ୍ତ୍ର ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଷ୍ଣୁପ୍ରିୟା ବେହେରା ଓ ସମ୍ମାନିତ ଅତିଥିଭାବେ ଅର୍ଦ୍ଧେନ୍ଦୁ ଦାସ, ଜିଲ୍ଲାପାଳ ବେଦଭୂଷଣ, ଉପ ଜିଲ୍ଲାପାଳ ପ୍ରଣୀତା ଦାସ, ବିଡ଼ିଓ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ, ସତ୍ୟନାରାୟଣ ମିଶ୍ର, ମହୋତ୍ସବ କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ ଓ ସାଧାରଣ ସମ୍ପାଦକ ମହମ୍ମଦ ଜିଆଉଦିନ ଯୋଗ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଜି ବଲାଙ୍ଗୀର ମେଲୋଡି ଏବଂ ଡ୍ୟାନ୍ସରେ ଦର୍ଶକ ବିଭୋର ହୋଇଥିଲେ । ତହସିଲଦାର ରଞ୍ଜନ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ତ୍ରିଶୀଳା ପ୍ରଧାନ, ସାମ୍ବାଦିକ ଶିଶିର ପଟ୍ଟନାୟକ, ଅରୁଣ ଷଡ଼ଙ୍ଗୀ, ଆଶୁତୋଷ ସାହୁ, ଗଗନ ପ୍ରଧାନ, ଏସ.ଏସ୍ ନାୟକ, ଅମନ ନାୟକ, କିଶୋର ଚନ୍ଦ୍ର ନାୟକ, ଉଦେଶନ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ସାନ୍ତେ ପ୍ରଧାନ, ଶାନ୍ତନୁ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ମାନଗୋବିନ୍ଦ ପ୍ରଧାନ, ମାୟାବନ୍ଧୁ ପ୍ରଧାନ ଓ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଉପସ୍ଥିତ ଥିଲେ ।

## ମା' ରାମଚଣ୍ଡି ମହୋତ୍ସବ ଉଦ୍‌ଘାଟିତ

# 'ପୀଠକୁ ପର୍ଯ୍ୟଟନ ମାନ୍ୟତା ପାଇଁ ପ୍ରସ୍ତାବ ପଠାଯିବ'

ଗଞ୍ଜାମ, ୭ ।୨(ସମିସ)



ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ା ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମ ନିକଟରେ ତିନିଦିନ ଧରି ହେବାକୁ ଥିବା ମା'ରାମଚଣ୍ଡୀ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିବା ସହ ଏହି ଶକ୍ତି ପୀଠର ଉନ୍ନତିକରଣ ନିମନ୍ତେ ଶୀଘ୍ର ଟିପିଆର ପ୍ରସ୍ତୁତ କରାଯିବ । ଏହି ପୀଠକୁ ପର୍ଯ୍ୟଟନ ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯିବ ବୋଲି କହିବା ସହ ଜିଲ୍ଲା ପ୍ରଶାସନର ଉକ୍ତ ପୀଠରେ ବିକାଶ ପାଇଁ ସବୁବେଳେ ସହଯୋଗ ଜାରି ରହିବ ବୋଲି ପ୍ରକାଶ କରିଥିଲେ । ଗଞ୍ଜାମ ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ଛତ୍ରପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ କୁମାର ଦାସ, ଟ୍ରଷ୍ଟ ସଦସ୍ୟା ମଞ୍ଜୁଳା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମା' ଗଙ୍ଗାଦେବୀ ପୀଠକୁ ବିଶ୍ୱ ବିଦିତ କରିବା ପାଇଁ ପ୍ରୟାସ କରିବା ପାଇଁ ମତବ୍ୟକ୍ତ କରିଥିଲେ । କମଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ମାନଙ୍କୁ ସମ୍ମାନିତ କରିଥିଲେ । ଡ଼ା ଚନ୍ଦନ ଗନ୍ତାୟତଙ୍କ ଦ୍ୱାରା ମା' ରାମଚଣ୍ଡୀଙ୍କ ସମ୍ପର୍କରେ ସୁନ୍ଦର ସଙ୍ଗୀତ ସହ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମ୍ବପୁଆର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା । କୃଷ୍ଣ ଚନ୍ଦ୍ର ରେଡି, ଗଣେଶ ପଟ୍ଟନାୟକ, ଗୌତମ ନାୟକ, ଦେବାଂଶୀ ଦେବ ଦର୍ଶିନୀ, ଜୟନ୍ତ ଆଚାର୍ଯ୍ୟ, ଅଳକା ସାହୁ, ଦିବାକର ବିଶୋଇ, ସୁମନ ପଟ୍ଟନାୟକ ପ୍ରମୁଖ କୋରିଓଗ୍ରାଫର ଓ କଣ୍ଠଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସ୍ୱସ୍ତି ସୁନ୍ଦର ସଂଯୋଜନା କରିଥିଲେ । ପୂଜା କମିଟି ସଭାପତି ସିଏଚ ଦୟାନିଧି ରେଡ଼ିଙ୍କ ସହ ସମସ୍ତ କମିଟି ମେମ୍ବର ସୁପରିଚାଳନା କରିଥିଲେ ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ରମ୍ଭା, ୭ ।୨(ସମିସ): କଞ୍ଚଣା ପଞ୍ଚାୟତ ପୁସ୍ତପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ବଳରାମ ଘୋଷଙ୍କ ଅନୁଷ୍ଠିତ ହୋଇଯାଇଛି । ଖଲ୍ଲିକୋଟ ସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଦେବେନ୍ଦ୍ର ମହାରଣା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଅଶୋକ କୁମାର ତ୍ରିପାଠୀ, ସିଆରସିସି ପବିତ୍ର କୁମାର ବେହେରା, ଏସଏମସି ସଭାପତି ପ୍ରତାପ ବେହେରା, ପ୍ରଧାନ ଶିକ୍ଷକ ଦୁଃଶାଶନ ସାହୁ, ପ୍ରକାଶ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଫିରିଙ୍ଗିଆରେ ବିଜେଡିର ସାଂଗଠନିକ ବୈଠକ

# ପଞ୍ଚାୟତ ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତ



ଫିରିଙ୍ଗିଆ, ୭।୨(ସମିସ): ଫିରିଙ୍ଗିଆ ବ୍ଲକକୁ ବିଜେଡିର ଗଡ଼ କୁହାଯାଉଥିବା ବେଳେ ଗତ ନିର୍ବାଚନରେ କମ୍ ଭୋଟରେ ବିଜେଡି ବିଜୟରୁ ବଞ୍ଚିତ ହୋଇଥିଲା । ବର୍ତ୍ତମାନ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଏବଂ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ପୁଣି ଥରେ ଫିରିଙ୍ଗିଆକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ବିଜେଡିର ଜିଲ୍ଲା ଦାୟିତ୍ୱ ଦିଆଯାଇଛି । ଯାହାକୁ ନେଇ ଫିରିଙ୍ଗିଆ ବ୍ଲକରେ ପୁଣି ଥରେ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେବା ସହ ଅସନ୍ତୁଷ୍ଟ କର୍ମୀ ଓ ନେତା ପୁଣି ଏକାଠି ହୋଇଛନ୍ତି । ଦଳୀୟ ସଂଗଠନ ସୁଦୃଢ ଓ ଆଗାମୀ ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତି ସହ ତଣ୍ଡିଗାଁ ଡ୍ୟାମରେ ବିଜେଡି ବ୍ଲକ ସଭାପତି ତଥା ପୂର୍ବତନ ସରପଞ୍ଚ ରଜନୀକାନ୍ତ ମଲିକଙ୍କ ନେତୃତ୍ୱ ଓ ଜିଲ୍ଲା ସଭାପତି ପଦ୍ମନାଭ ବେହେରାଙ୍କ ତତ୍ତ୍ୱାବଧାନରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜେଡି ଜିଲ୍ଲା ସଭାପତି ପଦ୍ମନାଭ ବେହେରାଙ୍କ ସହ ପୂର୍ବତନ ବିଧାୟକ ଅଙ୍ଗଦ କହଁର, ପୂର୍ବତନ ବିଧାୟକ ଦୁଗୁନି କହଁର, ବ୍ଲକ ଅଧ୍ୟକ୍ଷା ନମିତା କହଁର, ବିଜେଡି ବିଧାୟିକା ପ୍ରାର୍ଥନୀ ତଥା ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁର, ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ, ବିଜେଡି ଜିଲ୍ଲା ଯୁବ ସଭାପତି ରାକେଶ କୁମାର ମିଶ୍ର, ଯୁବ ବିଜେଡି ନେତା କୈଳାଶ ଚନ୍ଦ୍ର ମୁଖି, ବିଜେଡି ସଂଯୋଜକ ତଥା ବରିଷ୍ଠ ନେତା ତ୍ରିନାଥ କହଁରଙ୍କ ସହ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ । ବୈଠକରେ ଦଳର ବିଭିନ୍ନ ସଂଗଠନ ବିଷୟରେ ଆଲୋଚନା କରାଯାଇଥିଲା । ଗ୍ରାମାଞ୍ଚଳ ସ୍ତରରୁ ଘର ଘର ଏବଂ ପଞ୍ଚାୟତ ସ୍ତରରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ କର୍ମୀ ନେତା, ଭୋଟରଙ୍କ ପାଖକୁ ପହଞ୍ଚି ସଚେତନ କରି ପୁଣି ଥରେ ପୂର୍ବପରି ବିଜେଡିକୁ ସୁଦୃଢ ପାଇଁ ଆଲୋଚନା ହୋଇଥିଲା । ଆଗାମୀ ନିର୍ବାଚନରେ ବିଜେଡି ବହୁମତ ସହ ବିଜୟୀ କରାଇବାକୁ ଚେଷ୍ଟା କରାଯିବ ବୋଲି ନେତା କର୍ମୀ ଶପଥ ପାଠ କରିଥିଲେ । ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା କର୍ମୀ ଓ ନେତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଫିରିଙ୍ଗିଆ ବ୍ଲକ ସହ ବିଭିନ୍ନ ଅଞ୍ଚଳରୁ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ ।

# ୧୬ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ଫିରିଙ୍ଗିଆ, ୭।୨(ସମିସ): କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଗଞ୍ଜେଇ କଟା ଅଭିଯାନ ଜାରି ରହିଛି । ଫିରିଙ୍ଗିଆ ଥାନା ତରଫରୁ ୨ ଦିନ ହେଲା ଲଗାତତ ଜଙ୍ଗଲରେ ଚଢ଼ଉ କରାଯାଇ ୧୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି । ଥାନା ଅଧିକାରୀ ମୁରଲିଧର ସାହୁଙ୍କ ନେତୃତ୍ୱରେ ଚଢ଼ଉ ଜାରିରହିଥିବା ବେଳେ ପ୍ରଥମ ଦିନରେ ଏହି ଥାନା ଅଧୀନରେ ଥିବା କାଶିନୀପଦର ପଞ୍ଚାୟତ ମାଝିପଡ଼ା ଗାଁ ନିକଟରେ ଥିବା ଜଙ୍ଗଲରେ ଚଢ଼ଉ କରି ୯ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ପୁଣି ଏହି ଥାନା ଅଧୀନରେ ଥିବା ବନ୍ଧଗଡ଼ ଗାଁ ନିକଟରେ ଥିବା ଜଙ୍ଗଲରେ ଚଢ଼ଉ କରାଯାଇ ୭ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି । ଏସମ୍ପର୍କରେ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରାଯାଇଛି ।

# ୧୦ ସ୍କୁଲକୁ କମ୍ପ୍ୟୁଟର ଓ ପ୍ରିଣ୍ଟର ପ୍ରଦାନ




ଟିକାବାଲି, ୭।୨(ସମିସ): କନ୍ଧମାଳ ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଡିଜିଟାଲ ଶିକ୍ଷାର ପ୍ରସାର ପାଇଁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ନୂଆଦିଲ୍ଲୀସ୍ଥିତ ବସନ୍ତ ସୋସିଆଲ ଫାଉଣ୍ଡେସନ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ମିଳିତ ସହଯୋଗରେ ଜିଲ୍ଲାର ୧୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କମ୍ପ୍ୟୁଟର ଓ ପ୍ରିଣ୍ଟର ପ୍ରଦାନ କରାଯାଇଛି । ଆଜି ଫୁଲବାଣୀସ୍ଥିତ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବେଦଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଏହି ଶିକ୍ଷା ଉପକରଣ ହସ୍ତାନ୍ତର କରିଛନ୍ତି । ଷ୍ଟେଟବ୍ୟାଙ୍କ ସିଏସଆର ପାଣ୍ଠି ସହାୟତାରେ ବାଲିଗୁଡ଼ା ବ୍ଲକର ନୂଆସାହି ସ୍କୁଲ, ଚକାପାଦ ବ୍ଲକର କବଲାଗମ୍ ସ୍କୁଲ, ଦାରିଙ୍ଗବାଡି ବ୍ଲକର ଗଦପୁର ଓ ବାମୁନିଗାଁ ସ୍କୁଲ, କେ.ନୂଆଁଗାଁ ବ୍ଲକର ସିର୍ତିଗୁଡ଼ା ଓ ମାହାସିଙ୍ଗି ସ୍କୁଲ, ଫୁଲବାଣୀ ବ୍ଲକର ସଦରସୂଗା ସ୍କୁଲ, ଫିରିଙ୍ଗିଆ ବ୍ଲକର ପାକରୀ ସ୍କୁଲ, ଟିକାବାଲି ବ୍ଲକର ବୁର୍ବିନାଜୁ ସ୍କୁଲ, ରାଇକିଆ ବ୍ଲକର ଇନ୍ଦ୍ରଗଡ଼ ସ୍କୁଲଗୁଡ଼ିକୁ ଚୟନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ବସନ୍ତ ସୋସିଆଲ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଭାରତୀୟ ବ୍ୟାଙ୍କ ସଂଘର ବରିଷ୍ଠ ପରାମର୍ଶଦାତା ବିକାଶ ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାନସ ରଞ୍ଜନ ଦାଶ ଯୋଗ ଦେଇଥିବା ବେଳେ ବୌଦ୍ଧର ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ସଂଯୋଜନା କରିଥିଲେ । ଶିକ୍ଷାବିତ୍ ସୁଶାନ୍ତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଶେଖର ବେହେରା ସହଯୋଗ କରିଥିଲେ ।

# ବିଧାୟକ ଶୁଣିଲେ ଗ୍ରାମବାସୀଙ୍କ ଗୁହାରି



ଗୋଷାଣି, ୭ ।୨(ସମିସ): ଗୋଷାଣି ବ୍ଲକ ଘରୋଣି ପଞ୍ଚାୟତ ସଦରମହକୁମାରେ ଜନ ଶୁଣାଣିରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ଗ୍ରାମରେ ଥିବା ୧୫ ସମସ୍ୟା ଶୁଣିଥିଲେ । ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନକୁ ନିବେଦନ କରିଥିଲେ । ଗ୍ରାମର କିଛି ଛାତ୍ରୀ ଖେଳପଡ଼ିଆ ନିର୍ମାଣ ପାଇଁ ଦାବି କରିବାରୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଜଣାଇଥିଲେ । ସ୍ଥାନୀୟ ପ୍ରଶାସନ ଗ୍ରାମରେ ଥିବା ଏକ ପଡ଼ିଆକୁ ସଫେଇ କରି ଅଳ୍ପଦିନରେ ଖେଳପଡ଼ିଆ ଭାବେ ବ୍ୟବହାର କରାଯିବ ବୋଲି କହିଥିଲେ । ଅଭିଯୋଗ ଶୁଣାଣିରେ ବିଧାୟକଙ୍କ ସମେତ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ. ବୀରରାଜୁ ଜିଲ୍ଲା ପରିଷଦ ସଭ୍ୟ ଏସ. ବାଲାରାଜୁ, ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର, ସିଡିପିଓ ନମିତା ମହାରଣା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏନ୍. ବିମଳ ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ କ୍ରୀଡା

ଭଞ୍ଜନଗର, ୭ ।୨(ସମିସ): ପିଏମଶ୍ରୀ ବାହାଡାପଦର ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ, ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପ୍ରଧାନ ଶିକ୍ଷକ ମଦନ ମୋହନ ରଥ, ଜଗବନ୍ଧୁ ଜେନା, ସନ୍ତୋଷ କୁମାର ଜେନା, ଅନୁପମ ବାନାର୍ଜୀ, ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ପ୍ରଭାକର ପଣ୍ଡା, କେଦାରନାଥ ସେଠୀ, ସନାତନ ନାୟକ, ସ୍ୱପ୍ନେଶ୍ୱରୀ ଦିଗାଲ, ପ୍ରଦୀପ କୁମାର ବେହେରାଦଳେଇ ମଞ୍ଚାସୀନ ଥିଲେ । କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ବେହେରାଦଳେଇ ବାର୍ଷିକ ବିବରଣୀ ପାଠ କରିଥିଲେ । ଛାତ୍ରୀ ରୁକ୍ମିଣୀ ବିଷୋୟୀ ଲମ୍ବାଡିଆଁରେ ଜାତୀୟସ୍ତରରେ ଖେଳି ବିଦ୍ୟାଳୟ ପାଇଁ ସୁନାମ ଆଣିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ଏକ କବାଡି କୋର୍ଟ ଉଦଘାଟନ କରାଯାଇଥିଲା ।

# ବିଭିନ୍ନ ଡ୍ୟାମ୍‌ରେ ଏସୀୟ ଜଳଚର ପକ୍ଷୀ ଗଣନା

ଫିରିଙ୍ଗିଆ, ୭।୨(ସମିସ): ରାଷ୍ଟ୍ରୀୟ ଜୈବ ବିବିଧତା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ତଥା ଓଡ଼ିଶା ଜୈବ ବିବିଧତା ବୋର୍ଡ଼ ଭୁବନେଶ୍ୱର ପକ୍ଷରୁ ଏସୀୟ ଜଳଚର ପକ୍ଷୀ ଗଣନା ଫିରିଙ୍ଗିଆ ଏବଂ ଜି.ଉଦୟଗିରି ବନାଞ୍ଚଳ ସିରକି ଭବାନୀ ଶଙ୍କର ମହାପାତ୍ର ଉପସ୍ଥିତ ଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାହାଡ଼ର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର, ଘୁ.ଉଦୟଗିରି ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ, ବନପାଳ ରଶ୍ମିତା ବକ୍ସି, ପ୍ରଶାନ୍ତ




ଡ୍ୟାମରେ ଅନୁଷ୍ଠିତ ହୋଇଛି । ଫୁଲବାଣୀ ବନଖଣ୍ଡ ଓ ପାହାଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ କରାଯାଇଛି ।

ଫିରିଙ୍ଗିଆ ଓ ଉଦୟଗିରିର କଳିଙ୍ଗିଆ, ମାଲିକପଡ଼ି ଓ ଗ୍ରେସିଙ୍ଗିଆ ଜୈବ ବିବିଧତା ସମିତିର ସଭାପତିଙ୍କ ସହ ୩୦ ଜଣ ସଦସ୍ୟ ସହଯୋଗ କରିଥିଲେ । ବରିଷ୍ଠ ବୈଜ୍ଞାନିକ ଡ. ସତ୍ୟ ନାରାୟଣ ବେହେରା ଓ ଡ. ପ୍ରସାଦ କୁମାର ଦାଶଙ୍କ ସହିତ ଗବେଷକ କୁମାର ସାହୁ, ସାମିଲ ହୋଇଥିଲେ ସାମିଲ ହୋଇଥିଲେ । ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ୧୯ ପ୍ରଜାତିର ଜଳ ପକ୍ଷୀ ଓ ଜଳାଶୟ ପକ୍ଷୀ ଚିହ୍ନଟ ହୋଇଥିଲେ । ପକ୍ଷୀ ଗଣନା କାର୍ଯ୍ୟକ୍ରମ ପରିସମାପ୍ତି ପରେ ଜୈବ ବିବିଧତାର ବରିଷ୍ଠ ବୈଜ୍ଞାନିକ ଡ.ପ୍ରସାଦ କୁମାର ଦାସ ଜୈବ ବିବିଧତାର ସଂରକ୍ଷଣ କରିବା ସହିତ ଏହି ଜାଗାକୁ ଆସୁଥିବା ସମସ୍ତ ପ୍ରଜାତିର ପକ୍ଷୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଆଲୋଚନା ଓ ସଚେତନ କରିଥିଲେ ।

# ସୁନାବେଡ଼ାରେ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ୭ ।୨(ସମିସ)




କୋରାପୁଟ ଜିଲ୍ଲା ସୁନାବେଡ଼ା ଓ ଆଖପାଖ ଅଞ୍ଚଳରେ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ ନିମନ୍ତେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଭିତ୍ତିଭୂମି ବିକାଶ କରାଯାଇଛି । ଟ୍ରାନ୍ସଫର୍ମରର କ୍ଷମତା ବୃଦ୍ଧି ଓ ବିଜୁଳି ଲାଇନର ଉନ୍ନତୀକରଣ କରାଯାଇ ସମଗ୍ର ଅଞ୍ଚଳରେ ଭୋଲଟେଜ ସ୍ଥିରତା ଆଣିବା ସହ ଭରସାଯୋଗ୍ୟ ବିଜୁଳି ଯୋଗାଣ ଦିଗରେ କାର୍ଯ୍ୟ କରାଯାଇଛି । ଟିପିଏସ୍‌ଓଡିଏଲ୍ ସୁନାବେଡ଼ା ପ୍ରାଇମେରୀ ସବଷ୍ଟେସନରେ ଏକ ନୂତନ ୮ଏମ୍‌ଭିଏ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରାଯାଇଛି । ଯାହା ଫଳରେ ସବଷ୍ଟେସନର ସାମଗ୍ରିକ କ୍ଷମତା ୧୬.୧୫ ଏମ୍‌ଭିଏକୁ ବୃଦ୍ଧି ପାଇଛି । ସୁନାବେଡ଼ା ଅଞ୍ଚଳରେ ତ୍ୱରିତ ବେଗରେ ବଢୁଥିବା ବିଜୁଳି ଚାହିଦାକୁ ମେଣ୍ଟାଇବା ଦିଗରେ ଏହି ନୂତନ ଭିତ୍ତିଭୂମି ସହାୟକ ହେଉଛି । ଭିତ୍ତିଭୂମି ମରାମତି ସମୟରେ ଉପଭୋକ୍ତାମାନେ ଅନାବଶ୍ୟକ ବିଜୁଳି ବ୍ୟାହତର ସାମ୍ନା କରୁନାହାଁନ୍ତି । ଅତିରିକ୍ତ ଫିଡର ଓ ଅତିରିକ୍ତ ଟ୍ରାନ୍ସଫର୍ମର ଯୋଗେ ଅଞ୍ଚଳକୁ ବିଜୁଳି ଯୋଗାଣ ଜାରି ରହୁଛି । ସୁନାବେଡ଼ା ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ୭ହଜାର ଉପଭୋକ୍ତାଙ୍କୁ ଏହି ଗୁଣାତ୍ମକ ସେବା ମିଳିପାରିଛି । ଏଥିମଧ୍ୟରେ– ସୁନାବେଡ଼ା ଏନ୍‌ଏସି ଟାଉନ, ସୁନାବେଡ଼ା ଏନ୍‌ଏସି ଗ୍ରାମୀଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଜାଡ଼ଗୁଡ଼ା ଓ ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଅନେକ ଅଞ୍ଚଳ ସାମିଲ ରହିଛି । ସୁନାବେଡ଼ା କୋରାପୁଟ ଜିଲ୍ଲାର ଏକ ପ୍ରମୁଖ ଶିଳ୍ପକେନ୍ଦ୍ର । ଏଠାରେ ଭାରତ ସରକାରଙ୍କର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ଏଚ୍‌ଏଏଲ)ର ଇଞ୍ଜିନ ଡିଭିଜନ ରହିଛି । ଯାହାଫଳରେ ଏହି ଅଞ୍ଚଳର ଦ୍ରୁତ ସହରୀକରଣ ହେଉଛି । ତେଣୁ ଏଠାରେ ବିଜୁଳି ଚାହିଦା କ୍ରମାଗତ ଭାବେ ବଢୁଛି । ଏହାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ବିକାଶ କରାଯାଇଛି । କମ୍ପାନୀ ନିଜର

## ୭ହଜାର ଉପଭୋକ୍ତାଙ୍କୁ ମିଳିବ ଗୁଣାତ୍ମକ ବିଜୁଳି

ପ୍ରାଇମେରୀ ସବଷ୍ଟେସନର କ୍ଷମତା ବୃଦ୍ଧି ବ୍ୟତୀତ ସୁନାବେଡ଼ା ଗ୍ରୀଡ୍ ସବଷ୍ଟେସନରୁ ପ୍ରାଇମେରୀ ସବଷ୍ଟେସନକୁ ସଂଯୋଗ କରୁଥିବା ୩୩କେଭି ଲାଇନର ନବୀକରଣ କାର୍ଯ୍ୟ ମଧ୍ୟ କରିଛି । ଉଚ୍ଚମାନର କଣ୍ଡକ୍ଟରକୁ ବ୍ୟବହାର କରି ଉନ୍ନତ ବିଜୁଳି ଯୋଗାଣ ସୁନିଶ୍ଚିତ କରାଯାଇଛି । ବୈଦ୍ୟୁତିକ ଭାରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଇମେରୀ ସବଷ୍ଟେସନରେ ବସ୍ ବାର୍ ବ୍ୟବସ୍ଥା ସ୍ଥାପନ କରାଯାଇ ଆଭ୍ୟନ୍ତରୀଣ ପରିଚାଳନାକୁ ମଜଭୁତ କରାଯାଇଛି ।

ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଦ୍ରୁତ ବିକାଶଶୀଳ ସହରାଞ୍ଚଳଗୁଡ଼ିକର ବିଜୁଳି ଚାହିଦାକୁ ମେଣ୍ଟାଇବା କ୍ଷେତ୍ରରେ କମ୍ପାନୀ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି । ଭିତ୍ତିଭୂମି ନବୀକରଣ କାର୍ଯ୍ୟ କ୍ରମାଗତ ଭାବେ ଜାରି ରହିଛି । ସୁନାବେଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟର ଅନେକ ସମ୍ଭାବନା ରହିଛି । ଏହି ପ୍ରକ୍ରିୟାରେ ଗୁଣାତ୍ମକ ବିଜୁଳି ଯୋଗାଣର ଆବଶ୍ୟକତାକୁ ଅନୁଭବ କରି ଆମେ ଭିତ୍ତିଭୂମି ବିକାଶ କରୁଛୁ । ଯାହାଫଳରେ ଉପଭୋକ୍ତାମାନେ ଉନ୍ନତ ଜୀବନଶୈଳୀ ଓ ଭରସାଯୋଗ୍ୟ ବିଜୁଳି ସେବା ପାଇପାରୁଛନ୍ତି ।

# ବିନାୟକ ଆଚାର୍ଯ୍ୟ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବ୍ରହ୍ମପୁର, ୭ ।୨(ସମିସ): ଆସ୍କାରୋଡ଼ ସ୍ଥିତ ବିନାୟକ ଆଚାର୍ଯ୍ୟ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଭଗବାନ ନାହକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭବେ ସ୍ଥାନୀୟ କର୍ପୋରେଟର ପଦ୍ମିନୀ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଲିଙ୍ଗରାଜ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ମହମ୍ମଦ ଜାହିରୁଦ୍ଦିନ, ସିଆରସିସି ୟୁ. ଭାରତୀ, ଅରୂପ କୁମାର ମହାପାତ୍ର, ବିଶ୍ୱ ମୋହିନୀ ସାହୁ, ଭିକାରୀ ଚରଣ ଗୌଡ଼, ବଂଶୀଧର ପାଢ଼ୀ, ନାରାୟଣ ପାତ୍ର, ମେରୀ ନାୟକ ଓ ଶାନ୍ତନୁ କୁମାର ପାଣି ଯୋଗଦେଇ ଶୁଭାରମ୍ଭ କରିଥିଲେ । ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ପି. ସୂର୍ଯ୍ୟ ଭେଙ୍କେଟ ଓ ଶିକ୍ଷୟତ୍ରୀ ମନୀଷା ନାୟକ ମଞ୍ଚ ପରିଚାଳନା କରିଥିଲେ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପରିଶେଷରେ ଶିକ୍ଷୟତ୍ରୀ ବିଶ୍ୱ ମୋହିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟତ୍ରୀ ଅର୍ଚ୍ଚନା ପଣ୍ଡା, ଦେବିକା ରାଣୀ, ଆରତୀ ସାହୁ ଓ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

